


# ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

ବନ୍ତ,୨।୧୦(ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକରେ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା । ଗ୍ରାମସଭାରେ ଉପସ୍ଥିତ ଲୋକେ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି , ଗୋରୁ ଗୁହାଳ, କୁକୁଡା ଫାର୍ମ, ଛେଳି ଗୁହାଳ ଆଦି ଯୋଜନାରେ ପ୍ରକଳ୍ପ ମଞ୍ଜୁରୀ ପାଇଁ ଆବେଦନ କରିଥିଲେ । ଅଣିକୋରେ ସରପଞ୍ଚ ଜଗବନ୍ଧୁ ବେହେରା, ଓଡଙ୍ଗରେ ସରପଞ୍ଚ କିଶୋର କିଙ୍କର ପଢିଆରୀ, ଆଡିଆରେ ସରପଞ୍ଚ ଶଶିବାଳା ସେଠୀ ସଭାପତିତ୍ୱ କରିଥିଲେ । ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆରଡେଶ୍ୱର ଉଚ୍ଚ ବିଦ୍ୟାଳୟ ଆଡିଆରେ ପ୍ରଧାନ ଶିକ୍ଷକ ହୃଷିକେଷ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ କୃଷ୍ଣଚନ୍ଦ୍ର ଜେନା, କାଳନ୍ଦୀ ଚରଣ ଖୁଣ୍ଟିଆ,ଶିକ୍ଷକ ରବୀନ୍ଦ୍ର ଜେନା ଯୋଗଦେଇଥିଲେ । ଆଗରପଡା ଜୋନ ଭାଜପା ପକ୍ଷରୁ ସେଠାକାର ବଜାରର କୁଆଁଶମଢିଆ ଛକ ଠାରୁ ଲକ୍ଷ୍ମୀ ବଜାର ପର୍ଯ୍ୟନ୍ତ ଅଳିଆ ସଫେଇ କରାଯାଇଥିଲା।




# 'ସେମାନେ ଦେଶର ଅମୂଲ୍ୟ ସମ୍ପଦ'

## ବରିଷ୍ଠ ନାଗରିକଙ୍କ ପାଇଁ ଆଇନ ସଚେତନତା ଶିବିର, ନାଟକ ମଞ୍ଚସ୍ଥ

ଭଦ୍ରକ ଅଫିସ/ବନ୍ତ ୨।୧୦(ସ୍ୱ.ପ୍ର,)

ବରିଷ୍ଠ ନାଗରିକମାନେ ଦେଶର ଅମୂଲ୍ୟ ସମ୍ପଦ। ସେମାନଙ୍କୁ ସେବା, ସୁରକ୍ଷା ଓ ଆଇନଗତ ସହାୟତା ଯୋଗାଇ ଦେବା ସମସ୍ତଙ୍କ କର୍ତ୍ତବ୍ୟ। ବରିଷ୍ଠ ନାଗରିକଙ୍କ ଅନୁଭୂତି ଓ ଜ୍ଞାନକୁ ବିନିଯୋଗ କରି ଦେଶର ବିକାଶଧାରା ତ୍ୱରାନ୍ୱିତ କରାଯାଇ ପାରିବ ବୋଲି ଭଦ୍ରକ ଜିଲାରେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ବରିଷ୍ଠ ନାଗରିକ ଦିବସ ପାଳନ କାର୍ଯ୍ୟକ୍ରମରେ ମତବ୍ୟକ୍ତ କରାଯାଇଛି।

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ଆଇନ ସଚେତନତା ଶିବିର ସ୍ଥାନୀୟ ବାଳଗୋପାଳ ମନ୍ଦିର ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ପରିବାର ଅଦାଲତର ନ୍ୟାୟାଧୀଶ ସଞ୍ଜୀବ କୁମାର ଦୁବେ ସଭାପତିତ୍ୱ କରି ବରିଷ୍ଠ ନାଗରିକଙ୍କ ଅଧିକାର ଏବଂ ଆଇନଗତ ଓ ସରକାରୀ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ବିଚାର ବିଭାଗ ମାଜିଷ୍ଟ୍ରେଟ୍ ଅମୀୟ ରଞ୍ଜନ ଜେନା ଆଇନ ବ୍ୟବସ୍ଥାରେ ବରିଷ୍ଠ ନାଗରିକଙ୍କ ପାଇଁ ଥିବା ସୁବିଧା ସମ୍ପର୍କରେ କହିଥିଲେ। କନିଷ୍ଠ ଦେୱାନୀ ବିଚାରପତି ସନ୍ତୋଷ ପାଣିଗ୍ରାହୀ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୃଜନ ସାରସ୍ୱତ, ବରିଷ୍ଠ ଦେୱାନୀ ବିଚାର ପତି ଲୋପାମୁଦ୍ରା ମଲ୍ଲ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସରୋଜିନୀ ସାହୁ, ଦ୍ୱିତୀୟ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁକନ୍ୟା ଶତପଥୀ, ପ୍ରୋବେଶନାରୀ ମାଜିଷ୍ଟ୍ରେଟ୍ ଲିପ୍ସା ରାଉତ ଏବଂ ଅମୀତ୍ କୁମାର ବେହେରା ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଭଦ୍ରକ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ସୀତାକାନ୍ତ ପତ୍ରୀ ବରିଷ୍ଠ ନାଗରିକଙ୍କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଆଇନସେବା ପ୍ରାଧିକରଣର ସଚିବ ଅପର୍ଣ୍ଣା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ଉପସଭାପତି ହରମୋହନ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ । ସଭା ଶେଷରେ ପ୍ୟାନେଲ୍ ଓକିଲ ଓ ପାରାଲିଗାଲ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ନାଟକ ପରିବେଷଣ ହୋଇଥିଲା।

ସେହିପରି ବନ୍ତ ବ୍ଲକ ଆଗରପଡା ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସଭାପତି ଇଂ. ମଧୁସୂଦନ ସାହୁଙ୍କ ଅଧ୍ୟକ୍ଷତାରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଥିଲା। ଅତିଥିଭାବେ ଆଗରପଡ଼ା ଥାନା ଅଧିକାରୀ ମାନସ କୁମାର ଦେଓ, ଆଲ୍ଲାହାବାଦ ବ୍ୟାଙ୍କ ଶାଖା ପରିଚାଳକ ଉମାକାନ୍ତ ନାୟକ, ଅବସରପ୍ରାପ୍ତ ଜୀବନ ବୀମା ଅଧିକାରୀ ବାଞ୍ଛାନିଧି ଦାସ, ସଂଘର ପ୍ରାକ୍ତନ ସଭାପତି ବଞ୍ଛାନିଧି ରାଉଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ନିମନ୍ତ୍ରିତ ବରିଷ୍ଠ ନାଗରିକ ଗୟାଧର ମହାନ୍ତି, ଗୟାଧର ଦାସ, ରତ୍ନାକର ଭାରତୀ, ବାମଦେବ କର, ବାବାଜୀ ଜେନା, ରବି ପୁହାଣ, ହରେକୃଷ୍ଣ ଦାସ, ହାଡିବନ୍ଧୁ ନାୟକ, କୁଳମଣି ମିଶ୍ରଙ୍କୁ ମାନପତ୍ର ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଘ ସମ୍ପାଦକ ଫକୀର ଚରଣ ବାରିକ ସ୍ୱାଗତ ଭାଷଣ ଓ କୈଳାଶ ଚନ୍ଦ୍ର ଧଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। । ଶେଷରେ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସଂଘର କର୍ମକର୍ତ୍ତା ଘନଶ୍ୟାମ ବିଶ୍ୱାଳ, ଭୋଳାନାଥ ନାୟକ, ବୈକୁଣ୍ଠ ଦାଶ, ମନ୍ମଥ ପ୍ରଧାନ, ଶତୃଘ୍ନ ପାଣିଗ୍ରାହୀ, ଶଙ୍କର୍ଷଣ ନାୟକ, ବିଜୟ ମହତାବ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଶିକ୍ଷକ, କର୍ମଚାରୀ ମଞ୍ଚର ଧାରଣା

ଭଦ୍ରକ ଅଫିସ, ୨।୧୦

ଜିଲାପାଳଙ୍କ ଅଫିସ ଆଗରେ ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ତରଫରୁ ମଙ୍ଗଳବାର ୧୨ ଘଣ୍ଟିଆ ଅନଶନ ଧାରଣା ଦିଆଯାଇଥିଲା। ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନରେ ଷାଠିଏ ହଜାର ଶିକ୍ଷକ ଅଧ୍ୟାପକ ଓ ଶିକ୍ଷା କର୍ମଚାରୀ ଆଜକୁ ୪୮ ଦିନ ହେଲା ନିଜର ଅଧିକାର ହାସଲ ପାଇଁ ଭୁବନେଶ୍ୱର ରାଜରାସ୍ତାରେ ଖୋଲା ଆକାଶ ତଳେ ବସି ରହିଛନ୍ତି। ମହାତ୍ମା ଗାନ୍ଧୀଙ୍କ ଜନ୍ମତିଥିରେ ସମଗ୍ର ରାଜ୍ୟରେ ଅହିଂସାର ପଥକୁ ପାଥେୟ କରି ବ୍ଲକଗ୍ରାଣ୍ଟ ପରି ପ୍ରଥା ଉଚ୍ଛେଦ, ସାମାଜିକ ନ୍ୟାୟ ଓ ଆଇନଗତ ଅଧିକାର ପାଇବାର ଲକ୍ଷ୍ୟ ନେଇ ଏହି ଆନ୍ଦୋଳନ ଜାରି କରିଥିଲା। ଅନଶନରତ ଶିକ୍ଷକ ଓ ଅଧ୍ୟାପକ ମାନଙ୍କୁ ସମବେଦନା ଜ୍ଞାପନ କରି ଭଦ୍ରକର ବୁଦ୍ଧିଜୀବୀ ଶିକ୍ଷାପ୍ରେମୀ ଓ ରାଜନେତା ମାନଙ୍କ ମଧ୍ୟରୁ ଆଇନଜୀବୀ ଓ ଶ୍ରମିକ ନେତା ଦିବ୍ୟସିଂହ ନାୟକ, ପୂର୍ବତନ ଅଧ୍ୟାପକ ରାଜ୍ୟ ନେତୃତ୍ୱ ପହ୍ଲାଦ ପତି, ଛାତ୍ରନେତା ବିନୋଦ ସାହୁ, ଖବରଦାତା ହରିହର ନାୟକ, କଂଗ୍ରେସ କାର୍ଯ୍ୟକାରୀ ଜିଲା ସଭାପତି ନଳିନୀ ମହାନ୍ତି, ଯୁବସଙ୍ଗଠନ ଗିରିଧାରୀ ନାଥ, ଓଷ୍ଟା ସଭାପତି ଉପେନ୍ଦ୍ର ପ୍ରସାଦ ପାଢୀ, ରାଜ୍ୟ ନେତୃତ୍ୱ ସୁରଜିତା ନାୟକ, ଅକ୍ଷୟ ହୋତା, ପୂର୍ଣ୍ଣଚନ୍ଦ୍ର ଦାଶ, ସମ୍ପାଦକ ପ୍ରଦୀପ୍ତ ଦାସ ପ୍ରମୁଖ ରାଜ୍ୟ ସରକାରଙ୍କ ଶିକ୍ଷା ଓ ଶିକ୍ଷକ ବିରୋଧୀ ନୀତିକୁ ତୀବ୍ର ନିନ୍ଦା କରିଥିଲେ।

# ଭଦ୍ରକରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀପାଳିତ

ଭଦ୍ରକ ଅଫିସ, ୨।୧୦

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ମହାତ୍ମା ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ଜୟନ୍ତୀ ଉତ୍ସବ ପାଳନ କରାଯାଇଥିଲା। । ଜିଲା ସୂଚନା ଲୋକସମ୍ପର୍କ ବିଭାଗ ପକ୍ଷରୁ ଗାନ୍ଧୀପଡ଼ିଆ, ମହତାବ କୋଠି, ଜିଲାସ୍କୁଲ ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ଜ୍ଞାନ ରଞ୍ଜନ ଦାସ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ପରେ ସଦର ଡାକ୍ତରଖାନରେ ରୋଗୀଙ୍କୁ ଫଳବଣ୍ଟନ କରାଯାଇଥିଲା। ଜିଲା ସଂସ୍କୃତି ଭବନ ପରିସରରେ ଜିଲା ପ୍ରଶାସନ ପକ୍ଷରୁ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଜିଲାପାଳ ଦାସ ମୁଖ୍ୟ ଅତିଥି,ଉପଜିଲାପାଳ ସୂଚାରୁ ବଳ, ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ହିତାଂଶୁ ଶେଖର ସାମଲ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ, ସ୍ୱାଧୀନତା ସଂଗ୍ରାମୀ ଶ୍ୟାମସୁନ୍ଦର ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର କୁମାର ଦେହୁରୀ, ଶିକ୍ଷାବିତ୍ ଡ. ବାଇଧର ସାହୁ, ଗାନ୍ଧୀଓଡିଶା ବାଳାଶ୍ରମର ସମ୍ପାଦକ ଅଶୋକ ଦାସ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ। ହଳଦିଡ଼ିହି ସ୍ଥିତ ବିଏମ୍.ପବ୍ଲିକ୍ ସ୍କୁଲ ଆନୁକୂଲ୍ୟରୁ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ବାଙ୍କା ବଜାର ଛକ ଠାରୁ ମଦିନା ମଇଦାନ ପର୍ଯ୍ୟନ୍ତ ସଫେଇ କରାଯାଇଥିଲା। ଛାତ୍ରୀଛାତ୍ର ଓ ସ୍କୁଲର ଅଧକ୍ଷ ଶେଖ ଅଜିଜୁଲ୍ଲା କାଦରୀ, ବରିଷ୍ଠ ଶିକ୍ଷକ ଓସିମ ଅଖତର ଖାଁ, ଜୀସାନ ପରୱିନ୍, ମଧୁସ୍ମିତା ପାଲ ଓ ଅନ୍ୟାନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଏଥିରେ ସାମିଲ ହୋଇଥିଲେ। ଭଦ୍ରକ ସ୍ୱାଭିମାନ ମଞ୍ଚ ସଭାପତି ଆଡଭୋକେଟ୍ ତାହେରା ମହମ୍ମଦ, ସମ୍ପାଦକ ହବିବୁର ରହେମାନ, କେଶବଲାଲ ରାଜ କୋଟିଆ ପ୍ରମୁଖ ସହଯୋଗ କରିଥିଲେ।

# ତୃପ୍ତି ମହିଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ବାସୁଦେବପୁର,୨।୧୦(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ତୃପ୍ତି ମହିଳା ମହାବିଦ୍ୟାଳୟର ୩୫ତମ ପ୍ରତିଷ୍ଠା ଦିବସ ଏବଂ ପ୍ରତିଷ୍ଠାତା ବାଇଧର ପାଢୀଙ୍କ ୧୧ ତମ ଶ୍ରାଦ୍ଧ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୁଗ୍ମ ନିର୍ଦ୍ଦେଶିକା ଡା. ପ୍ରୀତିପ୍ରତିଭା ଭୋଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରଛାତ୍ରୀମାନେ ଶିକ୍ଷିତ ହେଲେ ଏକ ବଳିଷ୍ଠ ସମାଜ ଗଠିତ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ସମାଜ ପରିବର୍ତ୍ତନରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟବକ୍ତା ଭାବେ ଏମ୍‌ପିଙ୍କ ପ୍ରତିନିଧି ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ମହାନ୍ତି ଓ ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ଡା. ରୀନା ରାଉତରାୟ ଯୋଗଦେଇ ନାରୀଶିକ୍ଷାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ମୁଖପତ୍ର 'ସତ୍ୟଭାମା' ଉନ୍ମୋଚିତ ହୋଇଥିଲା। କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।




# 'ଆୟୁଷ୍ମାନ ଭାରତ ଯୋଜନା ନେଇ ଲୋକଙ୍କ ପାଖକୁ ଯାଅ'

ତିହିଡି, ୨।୧୦(ଡି.ଏନ.ଏ.)

କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନାକୁ ରାଜ୍ୟ ସରକାର ଲାଗୁ କରୁ ନ ଥିବାରୁ ମଙ୍ଗଳବାର ଭାଜପା ନେତୃବୃନ୍ଦ ଅନୁଷ୍ଠିତ ଏକ ବୈଠକରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଭଦ୍ରକ ଜିଲା ତିହିଡି ଟାଉନହଲରେ ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ଉପସଭାପତି ରଘୁନାଥ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଉପସଭାପତି ବିଷ୍ଣୁ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏ ଦିଗରେ ଜନଜାଗରଣ ସୃଷ୍ଟି କରିବାକୁ କର୍ମୀଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲିକ, ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚା ଉପସଭାପତି ଶରତ ଦାସ, ପ୍ରଭାରୀ ବୁଦ୍ଧଦେବ ଜେନା, ମଣ୍ଡଳ ସଭାପତି ଉମାକାନ୍ତ ଦାସ ଓ ପ୍ରଦୀପ ବଳ, ଶ୍ରୀଧର ନାଥ, ଡା.ଦୀନବନ୍ଧୁ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ତୃତୀୟ ଦିନରେ କଲମଛାଡ ଆନ୍ଦୋଳନ

ଭଣ୍ଡାରିପୋଖରୀ, ୨।୧୦(ଡି.ଏନ.ଏ.)

ଭଣ୍ଡାରିପୋଖରୀ ବ୍ଲକରେ ଏବେ ଅଚଳାବସ୍ଥା। ସହକାରୀ ନିର୍ବାହୀଯନ୍ତ୍ରୀ ଅଜୟ ସ୍ୱାଇଁଙ୍କୁ ସ୍ଥାନୀୟ ଦକ୍ଷିଣବାଡ ସରପଞ୍ଚ ବିଜୟ ଶଙ୍କର ମହାନ୍ତି ଆକ୍ରମଣ କରି ମାଡ ମାରିଥିବା ଅଭିଯୋଗରେ ପୋଲିସ ସମ୍ପୃକ୍ତ ସରପଞ୍ଚଙ୍କୁ ଗିରଫ କରି ନ ଥିବାରୁ ବ୍ଲକ କର୍ମଚାରୀ ମାନେ କରିଥିବା କଲମଛାଡ ଆନ୍ଦୋଳନ ମଙ୍ଗଳବାର ତୃତୀୟ ଦିନରେ ପହଞ୍ଚିଛି।





ଗଜେନ୍ଦ୍ର ସାହୁ

# ଚିତ୍ରକଳାର ଯାଦୁଗର

ଅଖ୍ୟାତପଲ୍ଲୀରୁ ଦେଶ ବିଦେଶ ଯାଏ ସବୁଠି ଦେଖିବାକୁ ମିଳିଛି ତାଙ୍କ କଳାର ଯାଦୁଗରି। ଭାରତୀୟ ମୁଦ୍ରାରେ ସ୍ଥାନ ପାଇବ ତାଙ୍କର ଅନ୍ୟତମ ଶ୍ରେଷ୍ଠ କଳାକୃତି ପାଇକ ବିଦ୍ରୋହର ଛାପ। ଜଣେ ଓଡ଼ିଆ ଶିଳ୍ପୀ ଭାବେ ଏଭଳି ଅନେକ ବିରଳ କୃତିତ୍ୱର ଅଧିକାରୀ ଗଜେନ୍ଦ୍ର ଉତ୍କଳୀୟ କଳା, ସଂସ୍କୃତିକୁ ଆଣିଦେଇଛନ୍ତି ଏକ ଭିନ୍ନ ପରିଚୟ।



ଗଜେନ୍ଦ୍ର ସାହୁଙ୍କ ଦ୍ୱାରା ଅଙ୍କନ କରାଯାଇଥିବା ଏକ ଚିତ୍ରକଳା।

**ଅରୂପ କୁମାର ଦାସ**
**ବାହାନଗା, ୨।୧୦**

ବାଲେଶ୍ୱର ଜିଲାର ଏକ ଅଖ୍ୟାତପଲ୍ଲୀରେ ତାଙ୍କ ଜନ୍ମ। ଏହି ଗ୍ରାମୀଣ ପରିବେଶ ଦେଇଛି ତାଙ୍କୁ ପ୍ରେରଣା। ଚିତ୍ରକଳାର ଯାଦୁ ଦେଖାଇ ସେ ଆଜି ଦେଶ ବିଦେଶରେ ଜଣେ ଚର୍ଚ୍ଚିତ ପ୍ରତିଭା। ଓଡ଼ିଶାର ଚିତ୍ରକଳା ପରମ୍ପରା ଅତୁଳନୀୟ। ଏଥିରେ ଆଧୁନିକତାର ଛାପ ଆଙ୍କି ଏ ମାଟି ପାଇଁ ସ୍ୱତନ୍ତ୍ର ପରିଚୟ ସାଙ୍ଗକୁ ଗୌରବ ଆଣିଦେଇଛନ୍ତି। ଜନ୍ମଭୂମି, ଏହାର ପାଣି, ପବନ, ଭାଷା, ସଂସ୍କୃତି ପ୍ରତି ଭଲ ପାଇବା ଭାବନା ରଖିଲେ ଯୁବପିଢି ଦେଶ ପାଇଁ ଯଶ ଓ ଗୌରବ ଆଣିପାରିବେ ବୋଲି ସେ କହିଛନ୍ତି।

ଏହି ପ୍ରତିଭାବାନ କଳାକାର ହେଲେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ପାଇକାସ୍ତା ଗ୍ରାମର ଗଜେନ୍ଦ୍ର ସାହୁ। ମା' ଅମ୍ବିକା ସାହୁ, ବାପା ବାଞ୍ଛାନିଧି ସାହୁ। ଏକ ଗରିବ ପରିବାରରେ ଜନ୍ମ ନେଇ ଗଜେନ୍ଦ୍ର ଗ୍ରାମ ବିଦ୍ୟାଳୟରେ ପାଠ ପଢି ଆଗକୁ ବଢିଛନ୍ତି। ପାଠ ପଢିବା ସମୟରେ ଚିତ୍ର ଆଙ୍କିବା ପ୍ରତି ତାଙ୍କ ମନରେ ଆଗ୍ରହ ଜନ୍ମିଥିଲା। ଯୁକ୍ତ ୨ ପାସ୍ ପରେ ସେ ଖଲିକୋଟ ସରକାରୀ ଚାରୁ ଓ କାରୁ କଳା ମହାବିଦ୍ୟାଳୟରେ ଅଧ୍ୟୟନ କରି ସ୍ନାତକ ପାସ୍ କରିଥିଲେ। ଏହାପରେ ସେ ଘରର ଅଭାବକୁ ଦୂର କରିବା ଲାଗି ବିଭିନ୍ନ ଅନୁଷ୍ଠାନରେ ଚାକିରି କରି ପେଟ ପୋଷୁଥିଲେ। ପରେ ଭୁବନେଶ୍ୱର ବି.କେ. ଆର୍ଟ କଲେଜରେ ସରକାରୀ ଚାକିରି କରି ବିଭିନ୍ନ ଚିତ୍ର ଶିଳ୍ପୀଙ୍କ ସଂସ୍ପର୍ଶରେ ଆସିବାରୁ ତାଙ୍କ କଳା ପ୍ରତିଭାର ବିକାଶ ଲାଗି ସୁଯୋଗ ପାଇଥିଲେ। ଓଡ଼ିଶାର ଚିତ୍ରକଳା ପରମ୍ପରାରେ ନୂତନତ୍ୱର ରଙ୍ଗ ମାଖି ସେ ଆଜି ଭୌଗୋଳିକ ସୀମା ସରହଦ ଟପି ଅନେକ ପ୍ରଶଂସା ଓ ପ୍ରମାଣପତ୍ର ସାଉଁଟିଛନ୍ତି। ପଲ୍ଲୀରୁ ଦିଲ୍ଲୀ ଯାଏ ସବୁଠି ଦେଖିବାକୁ ମିଳେ ତାଙ୍କର କଳାକୃତିର ଛାପ। ତାଙ୍କ ଶ୍ରେଷ୍ଠ କଳାକୃତି ମଧ୍ୟରେ ଓଡ଼ିଶାରେ ପାଇକ ବିଦ୍ରୋହର ଛାପର ଡିଜାଇନ ପ୍ରଭୃତି ଅନ୍ୟତମ। ଖୁବ୍ ନିକଟରେ ମୁଦ୍ରଣ ହେବାକୁ ଥିବା ଭାରତୀୟ ମୁଦ୍ରାରେ ତାଙ୍କ ଡିଜାଇନ ସ୍ଥାନ ପାଇବ। ଜଣେ ଓଡ଼ିଆ ଶିଳ୍ପୀଙ୍କ ଲାଗି ଏଭଳି ବିରଳ କୃତିତ୍ୱ ତାଙ୍କୁ ଚର୍ଚ୍ଚାକୁ ଆଣିଛି। ପୂର୍ବରୁ ସେ ଭାରତର ସର୍ବୋଚ୍ଚ କ୍ରୀଡ଼ା ପୁରସ୍କାର ଅର୍ଜୁନ-ଦ୍ରୋଣାଚାର୍ଯ୍ୟର ଟ୍ରଫି ଡିଜାଇନ୍ ପ୍ରସ୍ତୁତ କରି ସଫଳତା ପାଇଥିଲେ। ଓଡ଼ିଶାର ଜଗନ୍ନାଥଙ୍କ ନବକଳେବରର ଲୋଗୋ ଡିଜାଇନ୍ ସମେତ ଜାତୀୟ ଖେଳ ପୁରସ୍କାର ଲାଗି ତେଜିଙ୍ଗ ନର୍ଗେ ଓ ଧ୍ୟାନଚାନ୍ଦଙ୍କ ଟ୍ରଫି ଡିଜାଇନ୍ ପ୍ରସ୍ତୁତ କରିଛନ୍ତି। ସେହିପରି ୨୦୧୭ ମସିହା ଜାନୁୟାରୀ ୨୬ତାରିଖରେ ଦିଲ୍ଲୀରେ ଅନୁଷ୍ଠିତ ପରେଡରେ ଓଡ଼ିଶା ତରଫରୁ ନିର୍ମିତ ପ୍ରଜ୍ଞାପନ ମେଢ଼ ପ୍ରସ୍ତୁତ କରି ସେ ବିଭିନ୍ନ ମହଲରେ ପ୍ରଶଂସାଭାଜନ ହୋଇଥିଲେ।

ଏତିକିରେ ତାଙ୍କର କଳାର କୃତିତ୍ୱ ସରିନାହିଁ। ଗଜେନ୍ଦ୍ରଙ୍କ ଡିଜାଇନ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଟ୍ରଫି, ବିଜୁ ପଟ୍ଟନାୟକ କ୍ରୀଡ଼ା ଟ୍ରଫି ପ୍ରଭୃତି ସାଙ୍ଗକୁ ଆମେରିକାରେ ଗ୍ଲୋବାଲ ଓଡ଼ିଶା କନଫରେନ୍ସର ସମସ୍ତ ସାଜସଜ୍ଜା ଦାୟିତ୍ୱ ସଫଳତାର ସହିତ ମଧ୍ୟ ତୁଲାଇଛନ୍ତି। ୱାଶିଂଟନଠାରେ ଥିବା ଜଗନ୍ନାଥ ମନ୍ଦିରର ସାଜସଜ୍ଜା କରି ସେଠାରେ ନିଜ ଦକ୍ଷତା ଓ କଳାକୃତି ପ୍ରଦର୍ଶନ କରିଛନ୍ତି। ଗଜେନ୍ଦ୍ର କହନ୍ତି, ୨୦୦୩ରେ ସେ ପ୍ରଥମେ କେନ୍ଦ୍ର କ୍ରୀଡ଼ା ଓ ଯୁବ ମନ୍ତ୍ରଣାଳୟ ତରଫରୁ ଦ୍ରୋଣାଚାର୍ଯ୍ୟ ଓ ଅର୍ଜୁନ ଟ୍ରଫି ପାଇଁ ଏକ ବ୍ରୋଞ୍ଜରେ ଟ୍ରଫି ଡିଜାଇନ୍ ପ୍ରସ୍ତୁତ କରି ମନ୍ତ୍ରଣାଳୟକୁ ପଠାଇଥିଲେ। ଏହି ଡିଜାଇନ୍ ମନ୍ତ୍ରଣାଳୟ ତରଫରୁ ମନୋନୀତ ହୋଇଥିଲା। ସେବେଠାରୁ ସେ ଆଉ ପଛକୁ ଚାହିଁ ନାହାନ୍ତି। ୨୦୧୭ ମସିହାରେ ନୂଆଦିଲ୍ଲୀର ଇଣ୍ଡିଆ ହାବିଟାଟ୍‌ଠାରେ ଭିଜୁଆଲ ଆର୍ଟ ଗ୍ୟାଲେରି ୧୬ ଫୁଟ ଲମ୍ୱ, ୭ ଫୁଟ ଚଉଡ଼ାର ଏକ କାନଭାସ୍‌ରେ କଲମ କାଳିର ଚିତ୍ର ଅଙ୍କନ କରି ପ୍ରଦର୍ଶନ କରାଇଥିଲେ। ଏହା ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଆସନ୍ତା ୨୦୧୯ ଅଗଷ୍ଟ ୧୮ ରୁ ୨୨ ତାରିଖରେ ସେହି ସ୍ଥାନରେ ସେ ୨୦ଫୁଟ ଲମ୍ୱ ଓ ୮ ଫୁଟ ଚଉଡାର ଏକ ପେଣ୍ଟିଂ ପ୍ରଦର୍ଶନ କରିବା ପାଇଁ ଏବେଠାରୁ କାମ ଆରମ୍ଭ କରିଛନ୍ତି। ଭାରତୀୟ ମୁଦ୍ରା ଲାଗି ଓଡ଼ିଶାରେ ପାଇକ ବିଦ୍ରୋହର ଚିତ୍ର ଅଙ୍କନ କରି ଦେଶର ବଡ଼ ବଡ଼ ଶିଳ୍ପୀଙ୍କୁ ସେ ପଛରେ ପକାଇଛନ୍ତି। ୫ଜଣିଆ କମିଟି ଦ୍ୱାରା ତାଙ୍କ ଲୋଗୋକୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦିତ କରିବା ପରେ କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଦ୍ୱାରା ମନୋନୀତ ହୋଇଛି। ଭାରତୀୟ ମୁଦ୍ରାରେ ଏହା ସ୍ଥାନ ପାଇଲେ ଓଡ଼ିଶାର ଐତିହ୍ୟ ଅଧିକ ଗୌରବାନ୍ୱିତ ହୋଇପାରିବ। ଏଥିସକାଶେ ଗଜେନ୍ଦ୍ରଙ୍କୁ ବାଲେଶ୍ୱର ଜିଲା ସମେତ ବାହାନଗା ବ୍ଲକ ଅଞ୍ଚଳବାସୀ ଅଭିନନ୍ଦନ ଜଣାଇଛନ୍ତି।

# ସହରକୁ ପ୍ଲାଷ୍ଟିକମୁକ୍ତ କରିବାକୁ ପ୍ରୟାସ

**ବାଲେଶ୍ୱର ଅଫିସ, ୨।୧୦**

ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ବାଲେଶ୍ୱର ସହରକୁ ରୋଟାରୀ ପରିବାର ପଲିଥିନ ଓ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଏକ ଦିବସବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଡାକବାଜି ଯନ୍ତ୍ର, ପ୍ରାଚୀରପତ୍ର ତଥା ପରିବେଶ ଅନୁକୂଳ ଥଳି/ବ୍ୟାଗ୍ (୨ ହଜାର) ବଣ୍ଟନ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଥିଲା। ଅପରାହ୍ନରେ ସ୍ଥାନୀୟ ଷ୍ଟେଶନ ଛକସ୍ଥିତ ରୋଟାରୀ ଯାତ୍ରୀ ବିଶ୍ରାମାଗାରଠାରୁ ଏକ ଜନ ସଚେତନତା ରାଲି ବାହାରି ସହର ପରିକ୍ରମା କରି ଫାଣ୍ଡିଛକଠାରେ ପହଞ୍ଚିଥିଲା। ପରେ ଫକୀରମୋହନ ଗୋଲେଇଠାରେ ଏକ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା। ସଭାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ମଧୁମିତା ଦାସ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ସଚେତନତାର ବାର୍ତ୍ତା ରଖିଥିଲେ। କାର୍ଯ୍ୟକ୍ରମକୁ ରୋଟାରିଆନ୍ ଦେବେନ୍ଦ୍ର କୁମାର ଧଳ ସଂଯୋଜନା କରିଥିବା ବେଳେ ସୁବ୍ରତ କର ମଞ୍ଚ ପରିଚାଳନା କରିଥିଲେ। ହୃଷିକେଶ ସାହୁ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଥିଲେ। ସ୍ଥାନୀୟ ରୋଟାରୀ କ୍ଲବ ସଭାପତି କର୍ଣ୍ଣେଲ ବିଦ୍ୟାଧର ସିଂ, ନିଖିଲ ଖଣ୍ଡେଲୱାଲ, ସଗତ ବୋସ, ମନୋରଞ୍ଜନ ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଇନର ହୁଇଲ ଓ ରୋଟ୍ରାକ୍ଟ କ୍ଲବର ସଦସ୍ୟାସଦସ୍ୟମାନେ ସହଯୋଗ କରିଥିଲେ।




ରୋଟାରୀ କ୍ଲବ ପକ୍ଷରୁ ବାହାରିଥିବା ସଚେତନତା ଶୋଭାଯାତ୍ରା।

# ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା

**ରେମୁଣା, ୨।୧୦(ଡି.ଏନ.ଏ.)**

ରେମୁଣା ବ୍ଲକ ନିଜାମପୁର ପଞ୍ଚାୟତ ସାହୁପଡ଼ା ନିକଟ ରାମନିକେତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଲିମେଣ୍ଟାରୀ ସ୍କିମ୍‌ରେ ଅଷ୍ଟମ ଶ୍ରେଣୀ ସାମିଲ ହୋଇଛି। ହେଲେ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ହିନ୍ଦୀ ଓ ଇଂରାଜୀ ପଢ଼ାଇବା ପାଇଁ ଶିକ୍ଷକ ନ ଥିବାରୁ ଅଭିଭାବକ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀ ଏବଂ ଜିଲାପାଳଙ୍କୁ ଅବଗତ କରାଇଥିଲେ। ସେମାନେ ଇଂରାଜୀ, ହିନ୍ଦୀ ଓ ସଂସ୍କୃତ ଶିକ୍ଷୟିତ୍ରୀ ଓ ଶିକ୍ଷକ ଯୋଗାଇ ଦେବାକୁ ଦାବି କରିବା ସହ ସୋମବାର ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଖବରପାଇ ବିଇଓ ଅଚ୍ୟୁତାନନ୍ଦ ମଣ୍ଡଳ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ଖୁବ୍‌ଶୀଘ୍ର ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଲୋକମାନେ ଧାରଣାରୁ ଓହରିଥିଲେ।



## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

**ଢେଙ୍କିକୋଟ, ୨।୧୦(ଡି.ଏନ.ଏ.):** ଢେଙ୍କିକୋଟ ଫାଣ୍ଡି ସ୍ଥାନୀୟ ବଜାରରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଫାଣ୍ଡି ଅଧିକାରୀ ଭରତ ଚନ୍ଦ୍ର ନାୟକ, କନେଷ୍ଟବଳ ମାନସ ରଞ୍ଜନ ରାଉତ, ସୁଶିଲ ମହାନ୍ତ ଧରିଛନ୍ତି। ସେ ହେଲେ ସାନ୍ତରାପୁର ପଞ୍ଚାୟତ ସଂଖ୍ୟାଲଘୁ ବସ୍ତିର ୟାର ମହମଦ ଖାଁଙ୍କ ବଡ଼ପୁଅ ସାମସେର ଖାଁ। ତାଙ୍କଠାରୁ ଏକ ବୁଲେଟ ମଧ ଜବତ ହୋଇଛି। ଖବର ପାଇ ଘଟଗାଁ ଥାନା ଆଇଆଇସି ସତୀଶ କୁମାର ନାୟକ, ସବ୍‌ଇନ୍ସପେକ୍ଟର ପ୍ରୀତିରଞ୍ଜନ ପରିଡ଼ା ସଦଳବଳେ ପହଞ୍ଚି ଥିଲେ।

### ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ

**ଚମ୍ପୁଆ, ୨।୧୦(ଡି.ଏନ.ଏ.):** ଚମ୍ପୁଆସ୍ଥିତ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ୧୫୦ ମହିଳାଙ୍କୁ ଆତ୍ମରକ୍ଷା ତାଲିମ ପ୍ରଦାନ କରାଯାଇଛି। ସାମ୍ପ୍ରତିକ ସମାଜରେ ମହିଳାମାନଙ୍କ ଉପରେ ହେଉଥିବା ବିଭିନ୍ନ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ସହ ନିଜକୁ ସୁରକ୍ଷା ଦେଇ ପାରିବା ଲାଗି ପ୍ରଶିକ୍ଷଣ ଶିବିରର ଲକ୍ଷ୍ୟ ବୋଲି କୁହାଯାଇଥିଲା। ଏହି ଶିବିର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଅଧକ୍ଷ ପଦ୍ମନାଭ ପ୍ରଧାନ ଯୋଗ ଦେଇଥିଲେ। ଅଧକ୍ଷ ଡ. ଅଜୟ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ଶିବିରକୁ ଇଂରାଜୀ ଅଧାପିକା ରଶ୍ମିରେଖା ବେହେରା ଏବଂ ରାଜନୀତି ବିଜ୍ଞାନ ଅଧାପିକା ସସ୍ମିତା ସାହୁ ପରିଚାଳନା କରିଥିଲେ।

### ବିଏସ୍‌ଏନ୍‌ଏଲ ସେବା ଠପ୍

**ଯୋଡ଼ା, ୧।୧୦(ଡି.ଏନ.ଏ.):** ଯୋଡା ସହରରେ ଗତ ୨ ଦିନ ହେବ ବିଏସ୍‌ଏନ୍‌ଏଲ ସେବା ଠପ୍ ହୋଇଯାଇଥିବାରୁ ଗ୍ରାହକ ହନ୍ତସନ୍ତ ହୋଇଛନ୍ତି। ଗତ ୨ ଦିନ ହେବ ସହରର ବ୍ରଡ୍‌ବ୍ୟାଣ୍ଡ ଓ ମୋବାଇଲ ନେଟ୍‌ୱାର୍କ ସେବା ବିପର୍ଯ୍ୟସ୍ତ ହୋଇଛି। ଗ୍ରାହକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏ ସମ୍ପର୍କରେ ଯୋଡା ବିକାଶ ପରିଷଦ ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ବାରିକ କହିଛନ୍ତି, ବିଏସ୍‌ଏନ୍‌ଏଲ ସେବା ବାଧାପ୍ରାପ୍ତ ହେଲେ ସାଧାରଣ ଗ୍ରାହକ ହନ୍ତସନ୍ତ ହେଉଛନ୍ତି। ୧ ଘଣ୍ଟା ବନ୍ଦ ହେଲେ ବିଏସ୍‌ଏନ୍‌ଏଲ ଗ୍ରାହକମାନେ ଅନ୍ୟ ଘରୋଇ ଟେଲିକମ ସଂସ୍ଥା ଉପରେ ନିର୍ଭର କରୁଛନ୍ତି। ଅନ୍ୟ ଘରୋଇ ସଂସ୍ଥାଙ୍କୁ ବିଏସ୍‌ଏନ୍‌ଏଲ କର୍ତ୍ତୃପକ୍ଷ ପରୋକ୍ଷରେ ସହଯୋଗ କରିବା ଏକ ଷଡଯନ୍ତ୍ର ବୋଲି ସେ ଅଭିଯୋଗ କରିଛନ୍ତି। ଆଇଥ୍ରୀଏମ୍‌ଏସ୍ ସେବା କାର୍ଯ୍ୟକାରୀ ନ ହେବାରୁ ଖଣି ଅଞ୍ଚଳରେ ଥିବା ବହୁ ଟ୍ରକ୍, ଡମ୍ପର ଗୁଡିକରେ ପରିବହନ କାର୍ଯ୍ୟ ବନ୍ଦ ହେଉଛି।

### ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ

**କେନ୍ଦୁଝର, ୨।୧୦(ସ୍ୱ.ପ୍ର.):** ସବୁଠି ଗାନ୍ଧୀଜୀଙ୍କ ୧୫୦ତମ ଜନ୍ମ ଦିବସ ପାଳନ କରାଯାଉଥିବା ବେଳେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗାନ୍ଧୀଙ୍କ ଫଟୋ ଚିତ୍ରକୁ ରଖି ଦିନିକିଆ ଅନଶନ ଧର୍ମଘଟରେ ବସିଥିଲେ। ଆନ୍ଦୋଳନରେ ଜିଲାର ୩୯ଟି ଘରୋଇ ମହାବିଦ୍ୟାଳୟ ଓ ୧୫୨ଟି ହାଇସ୍କୁଲର ଅଧାପକ ଓ ଶିକ୍ଷକ ସାମିଲ ଥିଲେ। ପୂର୍ଣ୍ଣ ଅନୁଦାନ ଓ ଚାକିରି ସର୍ତ୍ତାବଳୀ ସମେତ ଅନ୍ୟ ଦାବିରେ ଆନ୍ଦୋଳନ ଜାରି ରହିଛି। ମଙ୍ଗଳବାର ଦିନିକିଆ ଆମରଣ ଅନଶନରେ ହୋଇଥିଲା। ଅଧାପକ ଓ ଶିକ୍ଷକମାନଙ୍କ ବିଭିନ୍ନ ଦାବିକୁ ସରକାର ଅଣଦେଖା କରୁଥିବାରୁ ସମାଲୋଚନା କରିବା ସହ ଏଭଳି ଆଭିମୁଖ୍ୟ ଆପାଣାଇଥିଲେ। ବହୁତ କମ ଦରମାରେ ଚାକିରି କରିଆସୁଥିବା ଅଧାପକ ଓ ଶିକ୍ଷକମାନଙ୍କ ମଧ୍ୟରୁ ଅନେକ ଅବସର ନେବାକୁ ବସିଛନ୍ତି। ସରକାର ସେମାନଙ୍କ ଅଧିକାରକୁ ଅଣଦେଖା କରୁଥିବାରୁ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଶିକ୍ଷକ ଶରତ କୁମାର ଭଞ୍ଜ କହିଛନ୍ତି।

# ମୌଳିକ ସୁବିଧା ଅପହଞ୍ଚ

**ତେଲକୋଇ, ୨।୧୦(ଡି.ଏନ.ଏ.)**


ବସ୍ତିରେ ରହୁଥିବା କେତେ ଜଣ ଶିଶୁଙ୍କ ସହ ଅନ୍ୟମାନେ।

**ମାଙ୍କଡ଼ଖଳି ଭୂୟାଁ ବସ୍ତି**
- ଝରଣା ପାଣି ବଞ୍ଚାଇ ରଖିଛି
- ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ଶିଶୁ
- ବିଜୁଳି ଆଲୁଅ ଦେଖି ନାହାନ୍ତି ଲୋକେ

ତେଲକୋଇ ବ୍ଲକ ଶିବନାରାୟଣପୁର ଗୋଡ଼ା ପଞ୍ଚାୟତର ମାଙ୍କଡ଼ଖଳି ଭୂୟାଁ ବସ୍ତିରେ ବସବାସ କରୁଥିବା ଲୋକେ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ପଞ୍ଚାୟତ ମୁଖ୍ୟାଳୟଠାରୁ ଉକ୍ତ ବସ୍ତି ୬ କି.ମି. ଦୂରରେ ରହିଛି। ପାହାଡ଼ ଘେରରେ ସମ୍ପୃକ୍ତ ବସ୍ତି ରହିଛି। ସେଠାରେ ୩୫ରୁ ଉର୍ଦ୍ଧ୍ୱ ପରିବାରର ରହୁଛନ୍ତି। ବସ୍ତିରେ ପାନୀୟଜଳ ସମସ୍ୟା ଲାଗି ରହୁଛି। ଲୋକଙ୍କୁ ଝରଣା ପାଣି ସାହା ଭରସା ହେଉଛି। ଅଙ୍ଗନୱାଡି କେନ୍ଦ୍ର ନ ଥିବା ଯୋଗୁଁ ବସ୍ତିର ଛୁଆମାନେ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ହୋଇଛନ୍ତି। ସେମାନଙ୍କ ପାଠପଢାରେ ଡୋରି ବନ୍ଧା ହୋଇଛି। ୩୦ରୁ ଉର୍ଦ୍ଧ୍ୱ ପିଲା ପାଠପଢାରୁ ବଞ୍ଚିତ ହୋଇଛନ୍ତି। ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଗ୍ରାମ ମଣ୍ଡପରେ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ଯାଉଛି।

ଗ୍ରାମରେ ଇନ୍ଦିରା ଆବାସ, ମୋ କୁଡିଆ ସ୍ୱପ୍ନ ହୋଇଛି। ୧୦ରୁ ଉର୍ଦ୍ଧ୍ୱ ଜଣ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପାଇବାରୁ ବଞ୍ଚିତ ହୋଇଥିବା ବସ୍ତିର ନିତିଆ ଦେହୁରି କହିଛନ୍ତି। ବିଜୁଳି ଯୋଗାଣ ବହୁ ଦୂରରେ ରହିଛି। ବିଜୁଳି ଆଲୁଅ କ'ଣ ଲୋକେ ଦେଖି ନାହାନ୍ତି। ସନ୍ଧ୍ୟା ହେଲେ ଜାଳେଣୀ କାଠ ସାହା ଭରସା ହେଉଛି। ପାହାଡି ଅଞ୍ଚଳ ହୋଇଥିବାରୁ ଲୋକ ପ୍ରତିନିଧି ଓ ସରକାରଙ୍କ ଅଣଦେଖା କରାଯାଉଥିବା ଗ୍ରାମର ଅହିରୁ ଦେହୁରି, ସାଗର ଦେହୁରି, ମହି ଦେହୁରି, ଲବଙ୍ଗ ଦେହୁରି, ସାବିତ୍ରୀ ଯୁଆଙ୍ଗ, ମଳୟ ଦେହୁରି ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ୱାସ୍ଥ୍ୟସେବା ଅପହଞ୍ଚ ହୋଇପଡିଥିବାରୁ ଲୋକେ ଝଡାଫୁଙ୍କା ଓ ଚେରମୂଳିର ସାହାରା ନେଉଛନ୍ତି। ସ୍ଥାନୀୟ ସରପଞ୍ଚ ଶିରପାଣି ପ୍ରଧାନଙ୍କୁ ପଚାରିବାରୁ ନଳକୂପ ଗାଡି ଗାଁକୁ ପହଞ୍ଚି ପାରୁ ନ ଥିବାରୁ ନଳକୂପ ହୋଇପାରି ନାହିଁ। ଅଙ୍ଗନୱାଡି କେନ୍ଦ୍ର ପାଇଁ ପ୍ରସ୍ତାବ ଦିଆଯାଇଛି। ଭତ୍ତା ପାଇଁ ଫର୍ମ ଆବେଦନ କରାଯାଇଛି। ଲୋକଙ୍କୁ ଇନ୍ଦିରା ଆବାସ, ମୋ କୁଡିଆ ଯୋଜନାରେ ସାମିଲ କରାଯିବ ବୋଲି ସେ କହିଛନ୍ତି।

# ସମ୍ପର୍କ ଯୋଡୁଛି ପଦଯାତ୍ରା

**ଆନନ୍ଦପୁର/ରାଇସୁଆଁ, ୨।୧୦(ସ୍ୱ.ପ୍ର./ଡି/ଏନ.ଏ.)**

ଗାନ୍ଧୀ ଜୟନ୍ତୀ ଅବସରରେ ଶାସକ ବିଜେଡି ଦଳ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ହୋଇଥିଲା। ଆନନ୍ଦପୁର ବିଧାୟକ ମାୟାଧର ଯେନାଙ୍କ ସଂଯୋଜନାରେ ଆନନ୍ଦପୁର ବ୍ଲକ ଗୟଳମୁଣ୍ଡାଠାରୁ ଜନ ସମ୍ପର୍କ ପଦଯାତ୍ରା ହୋଇଥିଲା। ଏମ୍‌ପି ପ୍ରତିନିଧି ଦେବପ୍ରିୟ ପାତ୍ରଙ୍କ ସଂଯୋଜନାରେ ଘସିପୁରା ବ୍ଲକ ଅଡାସାହି ଠାରୁ ଜନସମ୍ପର୍କ ପଦଯାତ୍ରାର ଶୁଭାରମ୍ଭ କରାଯାଇଛି। କାର୍ଯ୍ୟକ୍ରମରେ ବିପୁଳ ସଂଖ୍ୟାରେ ବିଜେଡି କର୍ମୀ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଘସିପୁରା ବ୍ଲକ ବିଜେଡି ସଭାପତି ବଳରାମ ସାହୁ, ଯୁବ ସଭାପତି ଲିପୁନ ନାୟକ, ଆନନ୍ଦପୁର ନଗର ମଣ୍ଡଳ ସଭାପତି ରମାକାନ୍ତ ବେହେରା, ରାଜ୍ୟ ବିଜେଡି ସଭାପତି ରାକେଶ ରାମ, ବରିଷ୍ଠ ବିଜେଡି ନେତା ରବୀନ୍ଦ୍ର ସ୍ୱାଇଁ, ମନମଥ ରାଉତ, ଶୁସାନ୍ତ ପାତ୍ର, ସୁବୋଧ ଦାସ ପ୍ରମୁଖ ଯୋଗ ଦେଇଥିଲେ।

କେନ୍ଦୁଝର ଜିଲା ସଦର ବ୍ଲକ ରାଇସୁଆଁ, ଗୋପୀନାଥପୁର, ମହଦେଇଯୋଡା ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ହୋଇଥିଲା। ଗ୍ରାମ ପରିକ୍ରମା କରାଯାଇ ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଥିଲା। ପଦଯାତ୍ରାରେ ସଦର ବିଧାୟକ ଅଭିରାମ ନାଏକ, ଜିଲାପରିଷଦ ଅଧକ୍ଷା କମଳିନୀ ପାତ୍ରଙ୍କ ସହ ବହୁ ବିଜେଡି ସମର୍ଥକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।


ପଦଯାତ୍ରାରେ ସାମିଲ ହୋଇଥିବା କର୍ମକର୍ତ୍ତା।

# ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଉଦ୍‌ଘାଟିତ


ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା କର୍ମକର୍ତ୍ତା।

**କେନ୍ଦୁଝର, ୨।୧୦(ସ୍ୱ.ପ୍ର.)**

ଜିଲା ମୁଖ୍ୟାଳୟଠାରେ ମଙ୍ଗଳବାର ଓଡ଼ିଶା ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାକୁ ରାଜ୍ୟସଭା ଏମ୍‌ପି ସରୋଜିନୀ ହେମ୍ବରମ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ଶକୁନ୍ତଳା ନାୟକ, ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ର, ଜିଲା ଯୋଜନା ବୋର୍ଡର ଅଧକ୍ଷ ତଥା ବିଧାୟକ ହୃଷିକେଶ ନାୟକ, ସଦର ବିଧାୟକ ଅଭିରାମ ନାୟକ, ଜିଲାପାଳ ଆଶିଷ ଠାକରେ, ଏସିଏସଓ କେନ୍ଦୁଝର ପରେଶ ମହାନ୍ତି ଉପସ୍ଥିତ ଥିଲେ। ନୂତନ ରେଶନ କାର୍ଡ ବଣ୍ଟନ ସହ କିଲୋ ପ୍ରତି ୧ ଟଙ୍କା ବଣ୍ଟନ କରାଯାଇଥିଲା। ଉକ୍ତ ଯୋଜନାରେ ଜିଲାର ସମୁଦାୟ ୨୪, ୧୪୩ ପରିବାରର ୭୦ ହଜାର ୯୫୩ ଜଣ ହିତାଧିକାରୀ ଉପକୃତ ପାଇବେ ବୋଲି ଜଣାପଡିଛି। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧୪ ଲକ୍ଷ ୯୭ ହଜାର ୭୪୫ ଜଣ ହିତାଧିକାର ଉପକୃତ ପାଉଥିଲେ ବୋଲି ଜଣାପଡିଛି।

# ପୁରପଲ୍ଲୀରେ ନିଶାମୁକ୍ତି ଅଭିଯାନ

**ରାଇସୁଆଁ, ୨।୧୦(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକ ମହାଦେଇ ଯୋଡ଼ା, ରାଇସୁଆଁ, ଗୋପୀନାଥପୁ ଅଞ୍ଚଳରେ ଗାନ୍ଧୀ ଜୟନ୍ତୀ ଅବସରରେ ବିଜେଡି ଯୁବ ମୋର୍ଚ୍ଚା ତରଫରୁ ନିଶାମୁକ୍ତ ଅଭିଯାନ ହୋଇଥିଲା। ସଚେତନତା କାର୍ଯ୍ୟକ୍ରମରେ ତମାଖୁ, ନିଶା ସେବନରୁ ଦୂରେଇ ରହିବା ପାଇଁ ଲୋକଙ୍କୁ କୁହାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ରଙ୍କ ସମେତ ବିଜୁ ଯୁବବାହିନୀ ସଦସ୍ୟ ଉପସ୍ଥିତ ଥିଲେ।

**ଚମ୍ପୁଆ, (ଡି.ଏନ.ଏ.)**

ଚମ୍ପୁଆରେ ୧୫୦ତମ ଗାନ୍ଧୀ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ପୁରପଲ୍ଲୀରେ ନିଶାକୁ ବିରୋଧ କରାଯାଇଛି। ସଦର ମହକୁମାରେ ବିଜୁ ଯୁବ ବାହିନୀ ଦ୍ୱାରା ନିଶା ନିବାରଣ ରାଲି ହୋଇଥିଲା। ଚମ୍ପୁଆ ଉପଜିଲାପାଳ ପାରୁଲ ପାଟୱାରୀ, ବିଡିଓ ନୁପୁର ଚାନ୍ଦଗୋଟିଆ, ଆଇଆଇସି ସୁମିତ ସୋରେନ, ସହକାରୀ ଜିଲାପାଳ ସପନ କୁମାର ସାହୁ, ଚାରୁଲତା ସିଂ, ଜୟନ୍ତ ନାଏକଙ୍କ ସହ ଗ୍ରାମବାସୀ ମିଳିତ ଭାବେ ଚମ୍ପୁଆ ଗାନ୍ଧୀ ଛକଠାରୁ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ସଫେଇ କରାଯାଇଥିଲା। ନଗର ଭବନଠାରେ ସାଧାରଣ ବୈଠକ ହୋଇଥିଲା। ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦିଆଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉସୁ ଖେଳାଳି ବବ୍‌ଲୁ ମୁଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ବ୍ରହ୍ମାନନ୍ଦ ମହାନ୍ତ, କୃତୀ ଛାତ୍ରୀ ଅଙ୍କିତା ସାହୁ ଏବଂ ସଂଜ୍ଞା ସ୍ୱରୂପା ସାହୁ, ଯୋଡ଼ା ମହିଳା ମହାବିଦ୍ୟାଳୟର ଛାତ୍ରୀ ତଜ୍ଜୁର୍ ଅନ୍‌ସାରୀ, ସଡ଼ଙ୍ଗି କଲେଜ୍‌ର ବିଭାମୟୀ ସାହୁ ଏବଂ ହାଇସ୍କୁଲ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ପାୟଲ୍ ବଳଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

**ଢେଙ୍କିକୋଟ, (ଡି.ଏନ.ଏ.)**

ଢେଙ୍କିକୋଟ ବିଜୁ ଯୁବବାହିନୀ ପକ୍ଷରୁ ନିଶାମୁକ୍ତ ଅଭିଯାନ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଘଟଗାଁ ବ୍ଲକ ଅତିରିକ୍ତ ବିଡ଼ିଓ ବିଚିତ୍ର କର ସଚେତନତା ରାଲିକୁ ଉଦ୍‌ଘାଟନ କରିଥିଲେ। ଯୁବବାହିନୀ ସଭାପତି ଦିନେଶ ମିଶ୍ର, ସମ୍ପାଦକ ରାକେଶ ମଣ୍ଡଳ, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶତାଧିକ ଯୁବକ ସାମିଲ ହୋଇ ଢେଙ୍କିକୋଟ ବଜାର ସାହି, ବସ୍ତି ବୁଲି ଜନସାଧାରଣଙ୍କୁ ନିଶା ବର୍ଜନ କରିବାକୁ କହିଥିଲେ। ପ୍ଲାକାର୍ଡ଼ ଧରି ଜନସାଧାରଣଙ୍କୁ ହିତବାଣୀ ଶୁଣାଇଥିଲେ।

# ମହାନାୟକ ଥିଲେ ଗାନ୍ଧୀ, ଶାସ୍ତ୍ରୀ

**କେନ୍ଦୁଝର, ୨।୧୦(ସ୍ୱ.ପ୍ର.)**


ପିଲାମାନେ ଗାନ୍ଧୀ ବେଶରେ ସଜ୍ଜିତ ହୋଇଛନ୍ତି।

**ଜିଲାସ୍ତରୀୟ ସମାରୋହ**
- ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ
- କୃତୀ ପ୍ରତିଯୋଗୀ ପୁରସ୍କୃତ
- ଶୋଭାଯାତ୍ରା, ସଫେଇ କାର୍ଯ୍ୟକ୍ରମ


ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଆଗରେ କେନ୍ଦୁଝର ଜିଲାପାଳ ପ୍ରଣାମ କରୁଛନ୍ତି।

ଜିଲା ପ୍ରଶାସନ ଆନୁକୂଲ୍ୟରେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ୧୪୯ତମ ଜୟନ୍ତୀ ଏବଂ ସ୍ୱର୍ଗୀୟ ପ୍ରଧାନମନ୍ତ୍ରୀ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ୧୧୪ତମ ଜୟନ୍ତୀ ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଯାଇଛି। ନଗରଭବନଠାରେ ଜିଲାପାଳ ଆଶିଷ ଠାକରେଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲା ପରିଷଦ ଅଧକ୍ଷା କମଳିନୀ ପାତ୍ର ଉଦ୍‌ବୋଧନ ଦେଇ ଜାତିର ଜନକ ମହାତ୍ମା ଗାନ୍ଧୀ ଏବଂ ଶାନ୍ତିଦୂତ ଲାଲ୍‌ବାହାଦୂର ଶାସ୍ତ୍ରୀଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଜିଲାପାଳ ଠାକରେ ମହାତ୍ମାଗାନ୍ଧୀଙ୍କୁ ମହାମାନବ, ଅହିଂସାର ପୂଜାରୀ ବୋଲି କହିବା ସହ ଶାନ୍ତିଦୂତ ଲାଲବାହାଦୂର ଶାସ୍ତ୍ରୀଙ୍କର ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରି ତାଙ୍କୁ ସତ୍ୟ ଓ ନ୍ୟାୟର ପୂଜାରୀ ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନୃସିଂହ ଚରଣ ସ୍ୱାଇଁ, କେନ୍ଦୁଝର ଉପଜିଲାପାଳ ସୋମନାଥ ପ୍ରଧାନ ଏବଂ ଜିଲା ଶିକ୍ଷା ଅଧିକାରୀ କପିଳେନ୍ଦ୍ର ମିଶ୍ର ଯୋଗଦେଇ ଗାନ୍ଧୀଜୀ ଓ ଶାସ୍ତ୍ରୀଜୀ ଥିଲେ ବିଶ୍ୱର ମହାନାୟକ ବୋଲି କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଂଜୀବ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପଣ୍ଡିତ ମଧୁସୂଦନ ମିଶ୍ର ଗୀତା ପାଠ କରିଥିଲେ। ମୌଲବୀ ଅବଦୁଲ ଖାଲିଲ ସାଲ୍‌ଫି କୋରାନ୍ ଓ ରେଭେରେଣ୍ଡ୍ ସି.ଡି.ଲିମା ବାଇବେଲ୍ ପାଠ କରିଥିଲେ। ସକାଳେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏବଂ ନଗରଭବନ ସମ୍ମୁଖରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସ୍ଥାନୀୟ ବଚପନ ସ୍କୁଲ ପକ୍ଷରୁ କୁନି ପିଲାମାନେ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। କୁନି ପିଲାମାନେ ଗାନ୍ଧୀ ବେଶରେ ସଜ୍ଜିତ ହୋଇଥିଲେ। ମିଳନୀ ସାହିତ୍ୟ ସଂସଦ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଛି। ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ କରାଯାଇଥିଲା। କେନ୍ଦୁଝର ଯାନ୍ତ୍ରିକ ବିଦ୍ୟାଳୟ ଓ ଫାର୍ମାସି କଲେଜ ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ଶୋଭାଯାତ୍ରା ଓ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରୋଟାରୀ କ୍ଲବ ପକ୍ଷରୁ ଶୋଭାଯାତ୍ରା ବାହାରି ପ୍ଲାଷ୍ଟିକ ସାମଗ୍ରୀ ବର୍ଜନ ଉପରେ ସମସ୍ତଙ୍କୁ ସଚେତନତା ସୃଷ୍ଟି କରିବା ସହ ପ୍ଲାଷ୍ଟିକ ରହିତ ବ୍ୟାଗ ବଣ୍ଟନ କରିଥିଲେ। ରୋଟାରୀ ଗ୍ରୀନ ପକ୍ଷରୁ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ବଦ୍ରୀ ନାରାୟଣ ପାତ୍ର ସାମିଲ ହୋଇ ସଚେତନତା ବାର୍ତ୍ତା ଦେଇଥିଲେ। ସ୍ଥାନୀୟ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏନସିସି କ୍ୟାଡେଟମାନଙ୍କ ଦ୍ୱାରା ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳନ କରାଯାଇଥିଲା।

**ବଡବିଲ, (ସ୍ୱ.ପ୍ର.)**

ବଡବିଲରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଯାଇଛି। ଏ ନେଇ ବିଭିନ୍ନ ସାମାଜିକ ଅନୁଷ୍ଠାନ ଗୁଡିକରେ ଆଲୋଚନାଚକ୍ର ସହ ସ୍ୱଚ୍ଛ ଭାରତ ଅଭିଯାନ ହୋଇଥିଲା। ସେରେଣ୍ଡାସ୍ଥିତ ଆଦିବାସୀ ବିକାଶ ସମିତି ପରିସରରେ ସମିତିର ସମ୍ପାଦିକା ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ଅଧକ୍ଷତାରେ ୧୫୦ତମ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ବିଶ୍ୱ ଅହିଂସା ଦିବସ ପାଳନ କରାଯାଇଛି। ବଡବିଲ ସହରର ହାଟପଡିଆ, ଟାଟା ହଟିଂ, କାଳୀ ମନ୍ଦିର, ଟ୍ୟାକ୍ସି ଷ୍ଟାଣ୍ଡ, ଅଟୋ ଷ୍ଟାଣ୍ଡ, ପୁରୁଣା ବସ୍‌ଷ୍ଟାଣ୍ଡ, ବଜାର ମୁଖ୍ୟ ରାସ୍ତା ଭାଜପା ନଗର ମଣ୍ଡଳ ନୀଳମଣି ମହାନ୍ତଙ୍କ ନେତୃତ୍ୱରେ ଭାଜପା କର୍ମୀ ଓ ସ୍ୱେଚ୍ଛାସେବୀ ଯୋଗଦେଇ ସଫେଇ ଅଭିଯାନରେ ସାମିଲ ହୋଇଥିଲେ।

**ଝୁମ୍ପୁରା, (ଡି.ଏନ.ଏ.)**

ଝୁମ୍ପୁରା ଦୁର୍ଗାପୁର ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ସମ୍ପର୍କିତ ଛାତ୍ରୀଛାତ୍ରଙ୍କ ସଚେତନତା ରାଲି ହୋଇଥିଲା। ଝାଡୁ ଧରି ସଫେଇ ଅଭିଯାନ କରାଯାଇଥିଲା। ଝୁମ୍ପୁରା ବ୍ଲକ ଭାଜପା ପକ୍ଷରୁ ସଫେଇ ଅଭିଯାନ କରାଯାଇଥିଲା। ଗାୟତ୍ରୀ ପରିବାର ପକ୍ଷରୁ ଝୁମ୍ପୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସଫେଇ କରାଯାଇଥିଲା। ଝୁମ୍ପୁରା ଶିଶୁ ମନ୍ଦିରରେ ସମ୍ଭାଗ ସ୍ତରୀୟ ଶିଶୁ ବାଟିକା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ତର ସମ୍ଭାଗର ୧୨ଟି ଶକ୍ତୁଳର ୭୦ଜଣ ଆଚାର୍ଯ୍ୟାଆଚାର୍ଯ୍ୟ ବୈଠକରେ ଉପସ୍ଥିତ ରହିଥିଲେ।


ଝୁମ୍ପୁରା ଦୁର୍ଗାପୁର ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଗ୍ରାମ ପରିକ୍ରମା କରୁଛନ୍ତି।

**ଯୋଡ଼ା, (ଡି.ଏନ.ଏ.)**

ଯୋଡା ସହରର କୁନ୍ଦୁରୁନାଲା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳନ କରାଯାଇଛି। ବାପୁ ଓ ଶାସ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦିଆଯାଇଥିଲା। ସ୍କୁଲ ପାଖରେ ଥିବା ଶିବ ମନ୍ଦିରରେ ସଫେଇ କାର୍ଯ୍ୟ କରାଯାଇଥିଲା ବୋଲି ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତ କହିଛନ୍ତି। ଯୋଡା ସହରରେ 'ସ୍ୱଚ୍ଛତା ହିଁ ସେବା' ସଚେତନ କାର୍ଯ୍ୟକ୍ରମ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଡା ପୌରପାଳିକା ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଢେଯାଶୀ, କାଉନସିଲର ଜିତେନ୍ଦ୍ର ଜୟଶ୍ୱାଲ, ସୁରେଶ ବାରିକ, ଶ୍ରୀକାନ୍ତ ସାମନ୍ତ ଓ ପୌର କର୍ମଚାରୀ ସାମିଲ ହୋଇ ଲୋକଙ୍କୁ ସଚେତନତା କରାଇଥିଲେ।

**ତେଲକୋଇ, (ଡି.ଏନ.ଏ.)**

ତେଲକୋଇ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ସଫେଇ କରାଯାଇଥିଲା। ଏଥିରେ ଡାକ୍ତର, ସ୍ୱାସ୍ଥ୍ୟକର୍ମଚାରୀ ସାମିଲ ହୋଇଥିଲେ। ବ୍ଲକ, ଟ୍ରେଜେରୀ, ତହସିଲ ଆଦି ଅଫିସ ପରିବେଶକୁ ପରିଷ୍କାର କରାଯାଇଥିଲା। ସ୍କୁଲ, କଲେଜ ଛାତ୍ରୀଛାତ୍ର ଓ ସାଧାରଣ ଲୋକେ ସାମିଲ ହୋଇ ପଲିଥିନ ମୁକ୍ତ ପାଇଁ ସଚେତନତା ବର୍ତ୍ତା ଦେଇଥିଲେ। ଏସଏନ ପୁର ଗୋଡା ମୁଖ୍ୟାଳୟରେ ଗାନ୍ଧୀ ମୂର୍ତ୍ତି ସ୍ଥାପନ କରାଯାଇଥିଲା।

## ଫଟୋରେ ଖବର




ଧରିତ୍ରୀ ପକ୍ଷରୁ ଆରମ୍ଭ ହୋଇଥିବା ପ୍ଲାଷ୍ଟିକ ଫ୍ରି ଅଭିଯାନକୁ ସମର୍ଥନ ଜଣାଉଛନ୍ତି କ୍ୟାଡେଟ ଅଫ୍ ଏନ୍‌ସିସି ବାଟାଲିୟନ, କେନ୍ଦୁଝର ସହ ଏନ୍‌ଏସ୍ ପୋଲିସ୍ ହାଇସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅନ୍ୟମାନେ।

## ସଂକ୍ଷେପରେ

### ଯୌତୁକ ପାଇଁ ବଧୂ ହତ୍ୟା ଅଭିଯୋଗ

**ଭଣ୍ଡାରିପୋଖରୀ, ୨।୧୦(ଡି.ଏନ.ଏ.):** ବାପଘରୁ ଅଧିକ ଯୌତୁକ ଆଣିବାକୁ କହି ନିର୍ଯାତନା ଦେଇ ତାଙ୍କ ଝିଅକୁ ମାରି ଦିଆଯାଇଛି ବୋଲି ବାପା ବଳରାମ ବେହେରା ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଥାନାରେ ଏକ ମାମଲା (ନଂ.୧୬୭/୧୮) ରୁଜୁ କରି ତଦନ୍ତ କରିଛି। ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଅଣ୍ଡେଲପଲ୍ଲୀ ଗ୍ରାମର ବଳରାମ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସେ ଭଣ୍ଡାରିପୋଖରୀ ଥାନା ଅଧୀନ ଗୋଳିଆ ନୂଆପୋଖରୀ ଗ୍ରାମର କିଶୋର ସାହୁଙ୍କ ସହ ଝିଅ ପ୍ରମିଳା(୨୨)ଙ୍କୁ ୨୦୧୫ରେ ବିବାହ ଦେଇଥିଲେ। ସେତେବେଳେ ଆବଶ୍ୟକ ଯୌତୁକ ଦିଆଯାଇଥିଲା। ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ତାଙ୍କୁ ନିର୍ଯାତନା ଦେଉଥିଲେ। ଗତ ୧ ତାରିଖରେ ପ୍ରମିଳା ଭଣ୍ଡାରିପୋଖରୀ ଡାକ୍ତରଖାନାରେ ମୁମୂର୍ଷୁ ଅବସ୍ଥାରେ ଚିକିତ୍ସିତ ହେଉଥିବା ଖବର ପାଇ ବଳରାମ ସେଠାକୁ ଯାଇଥିଲେ। ପରେ ସେ ପ୍ରମିଳାଙ୍କୁ ଭଦ୍ରକ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ବଳରାମଙ୍କ ଅଭିଯୋଗ କ୍ରମେ ମୃତଦେହକୁ ବ୍ୟବଚ୍ଛେଦ କରାଇ ଘଟଣାର ଅଧିକ ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ କହିଛି ।

### ଛାତ୍ରଙ୍କ ଆତ୍ମହତ୍ୟା

**ତିହିଡି, ୨।୧୦(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡି ଥାନା ଜାମଯୋଡି ପଞ୍ଚାୟତ ଅଧୀନ ଅନନ୍ତପୁର ଗ୍ରାମର ଜଣେ ୧୦ମ ଶ୍ରେଣୀ ଛାତ୍ର ମଙ୍ଗଳବାର ସକାଳେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। କୋଠରିକୁ ଭିତରପଟୁ କବାଟ ବନ୍ଦ କରି ଛାତ୍ର ଜଣଙ୍କ ଫ୍ୟାନରେ ରଶି ଲଗାଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ତିହିଡ଼ି ଡାକ୍ତରଖାନା ଆଣିବାପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତିହିଡି ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୭୦/୧୮) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ଲାଗି ପଠାଇଛି। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ ।

### ଲେଭଲ କ୍ରସିଂ ପାର ବେଳେ ଯୁବକ ମୃତ

**ପଦ୍ମପୁର, ୨।୧୦(ଡି.ଏନ.ଏ.):** ଭଦ୍ରକ ବ୍ଲକ ଅଧୀନ ଗୋରାମାଟି ପଞ୍ଚାୟତର ତୋରଣପଦା ଗ୍ରାମର ଲକ୍ଷ୍ମି ମଳିକ ନାମକ ଜଣେ ଯୁବକଙ୍କର ଟ୍ରେନ ଧକ୍କାରେ ମୃତ୍ୟୁ ଘଟିଛି। ମଙ୍ଗଳବାର ସକାଳ ସାଢ଼େ ୧୦ଟା ବେଳେ ଯୁବକ ଜଣକ ସେରପୁର ଲେଭଲ କ୍ରସିଂ ଠାରେ ରାସ୍ତା ପାର ହେଉଥିବା ବେଳେ ଟ୍ରେନ ଧକ୍କାରେ ଗୁରୁତର ଆହତ ହୋଇଥିଲେ। ଦୁର୍ଘଟଣାରେ ତାଙ୍କର ଗୋଟିଏ ଗୋଡ କଟିଯାଇଥିଲା। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟଚିକିତ୍ସାଳୟକୁ ନିଆଯିବା ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମାଞ୍ଚଳ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

# ଗଛମୂଳେ ଚାଲିଛି ପାଠପଢ଼ା

**ପଦ୍ମପୁର,୨।୧୦(ଡି.ଏନ.ଏ.)**

ଭଦ୍ରକ ବ୍ଲକ ଅଧୀନ ସାହାଡା ପଞ୍ଚାୟତ ଧରମସରଣବିନ୍ଧା ଗାଁରେ ପିଲାମାନେ ଗଛମୂଳେ ବସି ପାଠ ପଢୁଥିବା ଦେଖିବାକୁ। ଜିଲା ମୁଖ୍ୟାଳୟ ଠାରୁ ମାତ୍ର ୧୨ କିମି ଦୂରରେ ଥିବା ଏହି ଗାଁ ଦୀପତଳ ଅନ୍ଧାର ଭଳି ରହିଛି। ଗାଁ ମୁଣ୍ଡରେ ଥିବା ଧରମସରଣବିନ୍ଧା ପ୍ରାଥମିକ ବିଦ୍ୟାଳୟରେ ୬୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଆବଶ୍ୟକ ଶ୍ରେଣୀଗୃହ ନାହିଁ କି ଭିତ୍ତିଭୂମିର ବିକାଶ ହୋଇନି। ଗୋଟିଏ ମାତ୍ର ଶ୍ରେଣୀଗୃହକୁ ବିଦ୍ୟାଳୟର କାର୍ଯ୍ୟାଳୟ ଓ ଷ୍ଟୋର ରୁମ ଭାବେ ବ୍ୟବହାର କରାଯାଉଛି। କେବଳ ଶ୍ରେଣୀଗୃହ ଅଭାବ ନୁହେଁ ବିଦ୍ୟୁତ ସେବା ନ ଥିବା କାରଣରୁ ଦିନରେ ଘର ଭିତରେ ଅନ୍ଧାର ଓ ଗୁଳୁଗୁଳି। ପିଲାମାନେ ସ୍କୁଲ ସମ୍ମୁଖ ଏକ ଗଛ ମୂଳେ ବସି ପାଠ ପଢୁଛନ୍ତି । ସାମାନ୍ୟ ବର୍ଷା ହେଲେ ସ୍କୁଲ ବନ୍ଦ। ଅନ୍ୟ କିଛି ବିକଳ୍ପ ବ୍ୟବସ୍ଥା ନାହିଁ।



ଗଛ ତଳେ ଛାତ୍ରୀଛାତ୍ର ପାଠ ପଢୁଛନ୍ତି।

- ଶ୍ରେଣୀଗୃହରେ ଅଫିସ, ଷ୍ଟୋର ରୁମ୍
- ବିପର୍ଯ୍ୟସ୍ତ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା
- ଭିତ୍ତିଭୂମିର ହେଉନି ବିକାଶ

ଶିକ୍ଷାଦାନ ପାଇଁ ୨ଜଣ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ରହିଛନ୍ତି। 'ସଭିଏଁ ପଢନ୍ତୁ ସଭିଏଁ ବଢନ୍ତୁ' ସ୍ଲୋଗାନ ଏହି ବିଦ୍ୟାଳୟ ପାଇଁ ପ୍ରହସନ ପାଲଟିଛି। ସ୍କୁଲ ପିଲାଙ୍କ ପାଇଁ ଶୌଚାଳୟ ନ ଥିବା କାରଣରୁ ସେମାନେ ବାହାରକୁ ଶୌଚ ପାଇଁ ଯିବାକୁ ବାଧ ହେଉଛନ୍ତି। ମଧ୍ୟାହ୍ନ ଭୋଜନ ରୋଷେଇ ଗୃହ ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ଓ ଖୋଲା ଆକାଶ ତଳେ ରୋଷେଇ କରାଯାଉଛି। ସ୍କୁଲ ପାଚେରି ନ ଥିବାରୁ ଖୋଲାମେଲା ହୋଇ ପଡିଛି। ବିଦ୍ୟାଳୟ ସମ୍ମୁଖରେ ଏକ କେନାଲ ସହ ଏକ ଗଭୀର ଜଳାଶୟ। ଏହା ଛାତ୍ରୀଛାତ୍ରଙ୍କ ପାଇଁ ବିପଦ ଘଣ୍ଟି ସଦୃଶ ହୋଇ ରହିଛି। ବିଦ୍ୟାଳୟ ସମସ୍ୟା ବାବଦରେ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅବନ୍ତୀ ଅଗସ୍ତି ଲିଖିତ ଭାବେ ଦୃଷ୍ଟି ଆକର୍ଷଣ କରି ଆସୁଥିବା କହିଛନ୍ତି। କୌଣସି ପ୍ରତିକାର କରାଯାଉନାହିଁ। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାର ପ୍ରସାର ଓ ଉନ୍ନତି ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ତଳସ୍ତରରେ ଏହା କିଭଳି ପ୍ରହସନ ପାଲଟିଛି ଏହି ବିଦ୍ୟାଳୟ ତାହାର ଏକ ନମୁନା ହୋଇଛି। ଏ ସମ୍ପର୍କରେ ସିଆର୍‌ସିସି ବିମ୍ବାଧର ସେନାପତିଙ୍କୁ ପଚାରିବାରୁ ଉକ୍ତ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କ ଜରିଆରେ ପଞ୍ଚାୟତିରାଜ ବିଭାଗକୁ ଅବଗତ କରାଯାଇଛି ବୋଲି କହିଛନ୍ତି।


## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।




## ସେଲ୍‌ଫି କର୍ନର



@ ଚୈତାଳୀ



@ କମଳକାନ୍ତ



@ ଗଣେଶ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | Balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

# ଶହୀଦ ପୀଠରୁ ବାହାରିଲା ସଚେତନତା ପଦଯାତ୍ରା

### ନିଶାମୁକ୍ତ ସମାଜ ଗଠନ ଉପରେ ଗୁରୁତ୍ୱ



ଶହୀଦ ପୀଠରେ ଶ୍ରଦ୍ଧାଞ୍ଜଳି।

**ବାସୁଦେବପୁର, ୨।୧୦(ଡି.ଏନ.ଏ.)**

ନିଶାମୁକ୍ତ ସମାଜ ଗଠନ ନାରା ଦେଇ ଭଦ୍ରକ ଜିଲାର ରକ୍ତତୀର୍ଥ ଇରମ ଶହୀଦ ପୀଠରୁ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ ପାଳନ ଅବସରରେ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ମଙ୍ଗଳବାର ପୂର୍ବାହ୍ନରେ ଏହି ପଦଯାତ୍ରୀଦଳ ଇରମରୁ ବାହାରି ଅଡୁଁଆ ପଞ୍ଚାୟତର ନାଣ୍ଡିପଡାପଦା ପଡିଆରେ ଥିବା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ସେଠାରେ ପୁଷ୍ପମାଲ୍ୟାର୍ପଣ କରିଥିଲେ। ଗାନ୍ଧୀ ସ୍ମୃତି ସଂସଦ କମିଟି ଓ ଗୋଲାପୀ ସେନାର ମିଳିତ ସହଯୋଗରେ ଆୟୋଜିତ ଏହି ପଦଯାତ୍ରା ଆରମ୍ଭରେ ଇରମ ପଞ୍ଚାୟତ ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳ ଓ ଗୋଲାପୀ ସେନା ଜିଲା ସଭାପତି ପ୍ରକାଶ ଜ୍ୟୋତି ମହାକୁଡଙ୍କ ସମେତ ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ଅଞ୍ଚଳବାସୀ ଶହୀଦ ସ୍ମୃତିସ୍ତମ୍ଭ, ସମାଧିପୀଠ, କବି ବାଞ୍ଛାନିଧି ମହାନ୍ତିଙ୍କ ପ୍ରତିମୂର୍ତ୍ତି, ସଂଗ୍ରାମୀ ଗଣେଶ ଚନ୍ଦ୍ର ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

ସଚେତନତା ପଦଯାତ୍ରା ଇରମ ଓ ଅଡୁଁଆ ପଞ୍ଚାୟତ ଆଦି ଅଞ୍ଚଳ ପରିକ୍ରମା କରିଥିଲା। ପରେ ଇରମ ମେଳନ ପଡିଆରେ ସମାବେଶ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ବିଶାଳ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଗୋଲାପୀସେନା ଜିଲା ସଭାପତି ମହାକୁଡ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଇରମର ପୂର୍ବତନ ସରପଞ୍ଚ କୋମଳ ଲୋଚନ ବାରିକ, ନୂଆଗାଁ ସରପଞ୍ଚ ରଘୁନାଥ ମଳିକ, ପୂର୍ବତନ ଅଧ୍ୟାପକ ରତ୍ନାକର ବାରିକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଗଦାଧର ମହାକୁଡ, ପୂର୍ବତନ ପ୍ରଶାସକ ନିରାକର ପରିଡା ପ୍ରମୁଖ ମଞ୍ଚାସୀନ ଥିଲେ। ଇରମ ମେଳନ ପଡିଆରେ ଶହୀଦ ସ୍ମୃତି କମିଟିର ସଭାପତି ରତିକାନ୍ତ ରାୟ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ଭଗବାନ ନାୟକ, ରତିକାନ୍ତ ପତି, ଶିବପ୍ରସାଦ ପାଢୀ, ଧିରେନ୍ଦ୍ର ମହାନ୍ତି, ଦେବେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଇରମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଧ୍ୟ ପତାକା ଉତ୍ତୋଳନ କରାଯାଇଥିଲା।

# ମଙ୍ଗଳସୂତ୍ର, ସୁନାଚେନ ଲୁଟ୍: ୨ ଲୁଟେରା ଅଟକ

**ଭଣ୍ଡାରିପୋଖରୀ, ୨।୧୦(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନଂ ଜାତୀୟ ରାଜପଥର ଡାହାଲା ସ୍ଥିତ କୁଞ୍ଜବନ ହୋଟେଲ ନିକଟରୁ ୪ ଜଣ ଲୁଟେରା ମଙ୍ଗଳବାର ଅପରାହ୍ନରେ ସ୍କୁଟି ଆରୋହୀଙ୍କ ଠାରୁ ସୁନାଚେନ ଓ ମଙ୍ଗଳସୂତ୍ର ଲୁଟି ନେଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ ଯେ ପାଣିକୋଇଲି ଥାନା ଜହଳ ଗ୍ରାମର ମନୋଜ ସେଠୀ ଓ ତାଙ୍କ ପତ୍ନୀ ଜୟନ୍ତୀ ସେଠୀ ଭଦ୍ରକରେ ରହୁଛନ୍ତି। ମନୋଜ ତାଙ୍କ ପତ୍ନୀଙ୍କୁ ନେଇ ଯାରକା ସମ୍ପର୍କୀୟଙ୍କ ଘରକୁ ଯାଇ ଭଦ୍ରକ ଫେରୁଥିଲେ। ରାଜପଥର ଡାହାଲା ସ୍ଥିତ କୁଞ୍ଜବନ ହୋଟେଲ ନିକଟରେ ପଛପଟୁ ୪ ଜଣ ଲୁଟେରା ଏକ ହୋଣ୍ଡା ବାଇକ ଓ ଆପାଚି ବାଇକରେ ଆସି ଜୟନ୍ତୀଙ୍କ ବେକରୁ ମଙ୍ଗଳସୂତ୍ର ଓ ସୁନାଚେନ ଲୁଟି ନେଇଥିଲେ। ଲୁଟେରା ସେଠାରୁ ଦ୍ରୁତ ଗତିରେ ପଳାଇ ଯାଇଥିଲେ। ତେବେ ଦୁଇ ଲୁଟେରା ଛତାବର ବଳିଘାଇ ରାସ୍ତାରେ ଯିବାକୁ ଉଦ୍ୟମ କରୁଥିବା ବେଳେ ପାର୍ବତୀ ଛକ ଠାରେ ଖବର ପାଇ ସ୍ଥାନୀୟ ଲୋକ ମାଡି ବସିଥିଲେ। ପରେ ପୋଲିସକୁ ଖବର ଦେବାରୁ ପୋଲିସ ଦୁଇ ଲୁଟେରାଙ୍କୁ ଧରି ଥାନାକୁ ଆଣି ତଦନ୍ତ ଆରମ୍ଭ କରିଛି।

# ଆତ୍ମହତ୍ୟା ଉଦ୍ୟମ କରିବାକୁ ଆସି ଯୁବକ ଗିରଫ

**ଭଦ୍ରକ ଅଫିସ, ୨।୧୦**

ମଙ୍ଗଳବାର ଗାନ୍ଧୀ ଜୟନ୍ତୀ ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମହତ୍ୟା ଉଦ୍ୟମ କରି ସୁରେଶ ଚନ୍ଦ୍ର ନାୟକ ନାମକ ଜଣେ ଯୁବକ ଟାଉନପୋଲିସ ଦ୍ୱାରା ଗିରଫ ହୋଇଛନ୍ତି। ସୁରେଶଙ୍କ ଘର ଚାନ୍ଦବାଲି ବ୍ଲକ ମୌସୁଧା ଅଞ୍ଚଳରେ। ମୌସୁଧା ପଞ୍ଚାୟତରେ ଏମଜିଏନଆରଇଜିଏସ ଯୋଜନାରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ଆରଟିଆଇ ଯୋଗେ ତଥ୍ୟ ସଂଗ୍ରହ କରି ଏଦିଗରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଜିଲାପାଳଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ପର୍ଯ୍ୟନ୍ତ ସେ ଅଭିଯୋଗ କରି ନିରାଶ ହେବାରୁ ଶେଷରେ ମଙ୍ଗଳବାର ଆତ୍ମହତ୍ୟା ଉଦ୍ୟମ କରିବାକୁ ଆସିଥିଲେ। ଜିଲାପାଳଙ୍କ ପ୍ରକୋଷ୍ଠରୁ ଖବର ପାଇ ଟାଉନପୋଲିସ ତାଙ୍କୁ ଗିରଫ କରି ନେଇଥିଲା। ସୁରେଶ କରିଥିବା ନିର୍ଦ୍ଦିଷ୍ଟ ଅଭିଯୋଗ ଭିଜିଲାନ୍ସର ତଦନ୍ତ ପରିସରଭୁକ୍ତ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

# ରକ୍ତ ସଂଗ୍ରହରେ ଭଦ୍ରକ କଲେଜ ରାଜ୍ୟରେ ୩ୟ



ରେଡକ୍ରସ କାଉନସିଲର କମଳାକାନ୍ତ ଜେନା ପୁରସ୍କାର ଟ୍ରଫି ଗ୍ରହଣ କରୁଛନ୍ତି।

**ଭଦ୍ରକ ଅଫିସ, ୨।୧୦**

ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ଓ ରକ୍ତସଂଗ୍ରହ କ୍ଷେତ୍ରରେ ୨୦୧୭-୧୮ ମସିହାରେ ରାଜ୍ୟରେ ୩ୟ ସ୍ଥାନ ଅଧିକାର କରି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ୟୁନିଟ୍ ରାଜ୍ୟସ୍ତରୀୟ ପୁରସ୍କାର ଗ୍ରହଣ କରିଛି। ସୋମବାର ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ ଅବସରରେ ଓଡିଶା ରାଜ୍ୟ ରକ୍ତ ଅର୍ନ୍ତକ୍ଷେପଣ ପରିଷଦ (ଏସ୍.ବି.ଟି.ସି.) ତରଫରୁ ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ରାଜ୍ୟସ୍ତରୀୟ ସମାରୋହ ଅନୁଷ୍ଠିତ ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଭଦ୍ରକ ମହାବିଦ୍ୟାଳର ରେଡ୍‌କ୍ରସ୍ କାଉନ୍‌ସେଲର କମଳାକାନ୍ତ ଜେନାଙ୍କୁ ପୁରସ୍କାର ଟ୍ରଫି ପ୍ରଦାନ କରିଥିଲେ । ଏହି ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁଖ୍ୟଅତିଥି ଏବଂ ଦେବାଶିଷ ସାମନ୍ତରାୟ ସମ୍ମାନନୀୟ ଅତିଥି, ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସଚିବ ଡ. ପ୍ରମୋଦ କୁମାର ମେହେର୍ଦା ଓ ଏସ୍.ବି.ଟି.ସି. ନିର୍ଦ୍ଦେଶକ ଡ. ଦୀପକ କୁମାର ଦାଶମହାପାତ୍ର ଉପସ୍ଥିତ ଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପୂର୍ଣ୍ଣଚନ୍ଦ୍ର ନାୟକ ରେଡ୍‌କ୍ରସ୍ ୟୁନିଟ୍‌ର ସଫଳତା ପାଇଁ କାଉନ୍‌ସେଲର ଜେନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ନିଶା ନିବାରଣ ଲାଗି ଶପଥପାଠ

**ବନ୍ତ,୨।୧୦(ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକରେ ବିଭିନ୍ନ ପଞ୍ଚାୟତରେ ବିଜୁ ଯୁବ ବାହିନୀ ପକ୍ଷରୁ ମଙ୍ଗଳବାର ନିଶା ନିବାରଣ ପାଇଁ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ଏଥିରେ ସାମିଲ ଲୋକେ ନିଶା ନିବାରଣ ଲାଗି ଲୋକଙ୍କୁ ଶପଥ ପାଠ କରାଇଥିଲେ। ଓଡଙ୍ଗ ପଞ୍ଚାୟତରେ ସରପଞ୍ଚ କିଶୋର କିଙ୍କର ପଢିଆରୀ, ସମିତି ସଭ୍ୟା ସୁଲୋଚନା ଜେନା, ବ୍ଲକ ନୋଡାଲ ଅଫିସର ଅନ୍ନପୂର୍ଣ୍ଣା ପ୍ରଧାନ, ଯୁବବାହିନୀ ସମିତି କିର୍ତ୍ତୀ ଶଙ୍କର ମହାନ୍ତି, ସମ୍ପାଦିକା ମୀନତି ବେହେରା, ସତ୍ୟ ପ୍ରକାଶ ରାଉତ, ଅମର ରାଉତ, ଆକାଶ ଜେନା, ପିତାମ୍ବର ପୁହାଣ, ନରେଶ ଜେନା ପ୍ରମୁଖ ଯୋଗ ଦେଇଥିଲେ ।

# ସବୁଠି ନିଶା ନିବାରଣ ନାରା, ସଚେତନତା ଶୋଭାଯାତ୍ରା

**ବାସୁଦେବପୁର/ପଦ୍ମପୁର/ ଧାମନଗର/ ତିହିଡ/ ଆରଡି, ୨।୧୦(ଡି.ଏନ.ଏ.)**

ନିଶା ନିବାରଣ ଓ ପରିମଳ ସୁରକ୍ଷା ଲାଗି ସଚେତନତା ଶୋଭାଯାତ୍ରା, ପତାକା ଉତ୍ତୋଳନ, ଆଲୋଚନାଚକ୍ର ରୋଗୀ ଓ ଅନ୍ୟ ଅସହାୟ ଲୋକଙ୍କୁ ସହାୟତା ପ୍ରଦାନ ଆଦି କାର୍ଯ୍ୟକ୍ରମ ମଧ୍ୟରେ ଭଦ୍ରକ ଜିଲାର ବିଭିନ୍ନ ସ୍ଥାନରେ ଗାନ୍ଧୀ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଙ୍କ ନୀତି ଓ ଆଦର୍ଶର ପ୍ରାସଙ୍ଗିକତା ରହିଛି ଓ ରହିବ । ଏହା ସର୍ବଦା ଅନୁକରଣୀୟ ବୋଲି ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ ବକ୍ତାମାନେ କହିଥିଲେ। ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ରଥପଦା ପଡିଆରେ ଶହୀଦ ମେମୋରିଆଲ ସଂଗ୍ରାମୀ ମହାସଂଘ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ପତାକା ଉତ୍ତୋଳନ କରାଯାଇ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ସାହିତ୍ୟିକ ପଣ୍ଡିତ ଦୈତାରୀ ମହାପାତ୍ର ମୁଖ୍ୟଅତିଥି ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବରେ ଅବସରପ୍ରାପ୍ତ ଆରଟିଓ ଦେବେନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଅନୁଷ୍ଠିତ ଆଲୋଚନା ଚକ୍ରରେ ସଂଘର ସମ୍ପାଦିକା ସରସ୍ୱତୀ ଦାସ, ଶହୀଦ ଓ ସଂଗ୍ରାମୀଙ୍କ ପରିବାର ପକ୍ଷରୁ କାଞ୍ଚନ ଦତ୍ତ, ଗଙ୍ଗାଧର ଦେ, ସୀତାରାମ ନାୟକ, ମୁରଲୀ ମହାଳିକ, ଭଗବାନ ମଣ୍ଡଳ, ନିରାକର ବାରିକ, ଇନ୍ଦ୍ରମଣୀ ଦଳେଇ, ମାନଗୋବିନ୍ଦ ଦାସ, ଜଗବନ୍ଧୁ ମାଝୀ, ମାୟାଧର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବାସୁଦେବପୁର ପୌରପାଳିକା ପକ୍ଷରୁ ଗାନ୍ଧୀ ଜୟନ୍ତୀ ଅବସରରେ ବିଭିନ୍ନ ସ୍ଥାନରେ ସଫେଇ କରାଯାଇଥିଲା। ପୌରପାଳିକା ନିର୍ବାହୀ ଅଧିକାରୀ ସମରେନ୍ଦ୍ର ଗ୍ରହାଚାର୍ଯ୍ୟଙ୍କ ଉପସ୍ଥିତିରେ ବିଜୁ ଯୁବ ବାହିନୀରେ କର୍ମକର୍ତ୍ତା ସ୍ୱୟଂ ସହାୟକ ଗୋଷ୍ଠୀ ଓ ପୌରକର୍ମଚାରୀଙ୍କୁ ନେଇ ସଚେତନତା ଶୋଭଯାତ୍ରା ସହର ପରିକ୍ରମା କରିଥିଲା। ଭାଜପା ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀନବନ୍ଧୁ ପତିଙ୍କ ନେତୃତ୍ୱରେ ଭାଜପା କର୍ମୀ ଡାକ୍ତରଖାନା ପରିସରରେ ସଫେଇ କରିଥିଲେ। ବ୍ରାହ୍ମଣଗାଁ ପଞ୍ଚାୟତରେ ସରପଞ୍ଚ ହରିହର ଶିଅଳଙ୍କ ତତ୍ତ୍ୱାବଧାନରେ ବିଜୁ ଯୁବ ବାହିନୀ ପକ୍ଷରୁ ମଦ ବିରୋଧି ଶୋଭାଯାତ୍ରା ଓ ସଭା କରାଯାଇଥିଲା।



ଗାନ୍ଧୀ ଜୟନ୍ତୀରେ ରୋଗୀଙ୍କୁ ଫଳ ଓ ବସ୍ତ୍ର ବଣ୍ଟନ କରାଯାଉଛି।

ସେହିପରି ଭଦ୍ରକ ବ୍ଲକ ସାହାଡା ପଞ୍ଚାୟତ କାର୍ଯ୍ୟାଳୟ, ଲାଲାଜୀ ଉଚ୍ଚ ବିଦ୍ୟାଳୟ, ସାବରଙ୍ଗ ପଞ୍ଚାୟତ କାର୍ଯ୍ୟାଳୟ, ଗୋରାମାଟି ପଞ୍ଚାୟତ କାର୍ଯ୍ୟାଳୟ, ବାସୁଦେବପୁର ବ୍ଲକ ଅଧୀନ ସୁଗୋ ପଞ୍ଚାୟତ କାର୍ଯ୍ୟାଳୟ, ସୁଗୋ ଉଚ୍ଚ ବିଦ୍ୟାଳୟ ପଦ୍ମପୁର, ପଦ୍ମପୁର ପଞ୍ଚାୟତ କାର୍ଯ୍ୟାଳୟ, ଜଗନ୍ନାଥପ୍ରସାଦ ପଞ୍ଚାୟତ କାର୍ଯ୍ୟାଳୟ, ରଜନୀ ଦେବୀ ଉଚ୍ଚ ବିଦ୍ୟାଳୟ, ବାଲିମେଦ ପଞ୍ଚାୟତ କାର୍ଯ୍ୟାଳୟ, ଚାରବାଟିଆ ଗାନ୍ଧୀ ସ୍ମୃତି କମିଟି କାର୍ଯ୍ୟାଳୟ, ରାଜଘରପୋଖରୀ ପଞ୍ଚାୟତ କାର୍ଯ୍ୟାଳୟ, ରାଜଘରପୋଖରୀ ପଞ୍ଚାୟତ କାର୍ଯ୍ୟାଳୟ, ବିଦେଇପୁର ପଞ୍ଚାୟତ କାର୍ଯ୍ୟାଳୟ ଓ ବାଲିମୁଣ୍ଡା ଉଚ୍ଚ ବିଦ୍ୟାଳୟ ପରିସରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଚାରିବାଟିଆ ଠାରେ ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେଠାକାର ୟୁଜିମିଇର ଛାତ୍ରୀଛାତ୍ର ମାନେ ରାମଧ୍ୱନି ପରିବେଷଣ କରିଥିଲେ। ଆୟୋଜିତ ସଭାରେ ଗାନ୍ଧୀ ସ୍ମୃତି କମିଟିର ସଭାପତି ପ୍ରଶାନ୍ତ କୁମାର ମହାନ୍ତି, ସମ୍ପାଦକ କବି ନିରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଧାମନଗରଠାରେ ବ୍ଲକ ସ୍ତରୀୟ ଗାନ୍ଧୀ ଜୟନ୍ତୀ ସେଠାକାର ସରକାରୀ ହାଇସ୍କୁଲରେ ପାଳିତ ହୋଇଥିଲା। ବ୍ଲକ ଶିକ୍ଷାବିଭାଗ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ ୪୦ ଜଣ କୁଷ୍ଠ ରୋଗୀଙ୍କୁ ବସ୍ତ୍ର ଏବଂ ଫଳ ବଣ୍ଟନ କରାଯାଇଥିଲା । ସକାଳ ସମୟରେ ସରକାରୀ ହାଇସ୍କୁଲ, ସରକାରୀ ବାଳିକା ହାଇସ୍କୁଲ,ମହେନ୍ଦ୍ର ନୋଡାଲ ଏବଂ ଫିଡର ସ୍କୁଲ ର ଛାତ୍ରୀଛାତ୍ର ପ୍ରଭାତଫେରି କରିଥିଲେ । ବିଇଓ ପବିତ୍ର ମୋହନ ବାରିକଙ୍କ ଅଧ୍ୟକ୍ଷତାରେ ତହସିଲଦାର ଅଭିଲିପ୍ସା ପଟ୍ଟନାୟକ,ସ୍ୱାଧୀନତା ସଂଗ୍ରାମୀ ବ୍ରଜ କିଶୋର ରାଉତ,ପ୍ରଧାନ ଶିକ୍ଷକ ଚିତରଞ୍ଜନ ସେନାପତି ପ୍ରମୁଖ ଯୋଗ ଦେଇଥିଲେ । ଧାମନଗର ବ୍ଲକ କଂଗ୍ରେସ ତରଫରୁ ଧୂଷୁରୀଠାରେ ଶତାଧିକ କଂଗ୍ରେସ କର୍ମୀ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ବିଶାଳ ମୋଟରସାଇକେଲ ରାଲି ଧୂଷୁରୀରୁ ବାହାରି ଗାନ୍ଧୀଘାଟଠାରେ ପହଞ୍ଚି ମାଲ୍ୟାର୍ପଣ ଦେଇଥିଲେ । ପିସିସ ସଭ୍ୟ ହୃଦାନନ୍ଦ ସେଠୀ, ବରିଷ୍ଠ ନେତା ନାରାୟଣ ଚନ୍ଦ୍ର ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ତିହିଡି ବ୍ଲକ ଅଧୀନ ଅଚକ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଥିଲା। ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ ପୌରାହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବିଡିଓ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଅନ୍ୟତମ ଅତିଥି ଭାବେ ଜଳ ପରିମଳ ବିଭାଗ କନିଷ୍ଠଯନ୍ତ୍ରୀ ଖଗେନ୍ଦ୍ର ପ୍ରସାଦ ବେହେରାପ୍ରମୁଖ ଯୋଗ ଦେଇଥିଲେ। ଚାନ୍ଦବାଲି ବ୍ଲକର ସୁନ୍ଦରପୁର, ଓଲଗ, ଆରଡି, ନାନ୍ଦପୁର, ଧାମନଗର ବ୍ଲକର ପାଳସାହି. ରଇପୁର, ତିହିଡି ବ୍ଲକର ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ପାଳିତ ହୋଇଥିଲା। । ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା, ସଂଗୀତ,ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ପରେ ଛାତ୍ରୀଛାତ୍ର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ବନିତା ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଏକ ସଭାକରାଯାଇଥିଲା ।

## ସଂକ୍ଷେପରେ

### ସ୍ୱଚ୍ଛତା କାର୍ଯ୍ୟକ୍ରମ



**ସଜନାଗଡ଼, ୨।୧୦(ଡି.ଏନ.ଏ.):** ଗାନ୍ଧୀ ଜୟନ୍ତୀ ଅବସରରେ ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏଏସି ଅନ୍ତର୍ଗତ ବସ୍‌ଷ୍ଟାଣ୍ଡ ନିକଟସ୍ଥ ୧୯ନଂ ରାଜ୍ୟ ରାଜପଥକୁ ଲାଗି ରହିଥିବା ଲକ୍ଷ୍ମୀସାଗର ପୋଖରୀ ଦକ୍ଷିଣପାର୍ଶ୍ୱରେ ମଙ୍ଗଳବାର ସକାଳୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆଗେଇ ନେବା ପାଇଁ ଲୋକଙ୍କୁ ସଚେତନ କରିବା ସହ 'ସ୍ୱଚ୍ଛତା ହିଁ ସେବା'ର ବାର୍ତ୍ତା ଦିଆଯାଇଛି। ଏଥିରେ ଭାଜପା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ନୀଳଗିରିର ପୂର୍ବତନ ବିଧାୟକ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଚନ୍ଦ୍ରଶେଖର ନନ୍ଦ, ନଗର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଦଳାଇ, ନୀଳଗିରି ପ୍ରଭାରୀ ସିପ୍ରା ବାଜପେୟୀ ପ୍ରମୁଖ ଉପସ୍ଥିତ ରହିଥିଲେ।

### କନକଦୁର୍ଗା ପୂଜାମଣ୍ଡପ ପୁନରୁଦ୍ଧାର

**ବାଲେଶ୍ୱର ଅଫିସ, ୨।୧୦:** ବାଲେଶ୍ୱର ସୁନହଟସ୍ଥିତ କନକଦୁର୍ଗା ପୂଜା ଉତ୍ସବ କମିଟି ପକ୍ଷରୁ ପୂଜାମଣ୍ଡପର ପୁନଃ ନିର୍ମାଣ କରାଯାଇ ଉଦ୍‌ଘାଟନୀ ସମାରୋହ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କର ଉନ୍ନତି ଯୋଜନା ମାଧ୍ୟମରେ ୨ଲକ୍ଷ ୬୭ହଜାର ଟଙ୍କାରେ ଏହି ପୁନଃ ନିର୍ମାଣ କାର୍ଯ୍ୟ କରାଯାଇଛି। ମୁଖ୍ୟଅତିଥି ଭାବେ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ଏହାକୁ ଉଦ୍‌ଟନ କରିଥିଲେ। ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ପୌରାଧକ୍ଷ ଆଲୋକ କୁମାର ସାହୁ, ୫ନଂ. ୱାର୍ଡ଼ କାଉନ୍‌ସିଲର ସ୍ୱରୂପ କୁମାର ଦାସ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କମିଟି ସଭାପତି ନରେନ୍ଦ୍ର ବିହାରୀ ମିଶ୍ର ପୌରୋହିତ୍ୟ କରିଥିଲେ। ଏହି ଅବସରରେ କମିଟି ସଦସ୍ୟ କାହ୍ନୁଚରଣ ଦାସ, ମଦନମୋହନ ଦାସ, ରାମଚନ୍ଦ୍ର ସାମନ୍ତରାୟ, ରଶ୍ମିରେଖା ଦାସ, ଗୌତମ ଦାସ, ବ୍ୟୋମନାଥ ରଥ, ତାପସ ସାହୁ ଓ ବିକାଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### 'ସ୍ୱଚ୍ଛତା ହିଁ ସେବା ଅଭିଯାନ' ଭାରତୀୟ ପୂର୍ବତନ ସେନାନୀ ସଂଘ ସାମିଲ



**ବାଲେଶ୍ୱର ଅଫିସ, ୨।୧୦:** ଭାରତୀୟ ପୂର୍ବତନ ସେନାନୀ ସଂଘ ଉତ୍ତରଓଡ଼ିଶା ଶାଖା ପକ୍ଷରୁ ବାଲେଶ୍ୱର ମୁଖ୍ୟଚିକିତ୍ସାଳୟରେ 'ସ୍ୱଚ୍ଛତା ହିଁ ସେବା ଅଭିଯାନ' ରବିବାର ଆୟୋଜିତ ହୋଇଛି। ସଂଘ ସଭାପତି ସନ୍ତୋଷ କୁମାର କାଠଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଓ ପ୍ରଜାପତି ବ୍ରହ୍ମାକୁମାରୀ ସଂଘର ଭଉଣୀଭାଇମାନେ ଏଥିରେ ଯୋଗ ଦେଇଥିଲେ। ସଂଘ ସ୍ଥାୟୀ ଅଧ୍ୟକ୍ଷ ମେଜର ଜେନେରାଲ ରାମକୃଷ୍ଣ ସାହୁ, ଉପସଭାପତି ଅନନ୍ତ ଦାସ, ସମ୍ପାଦକ ଆନନ୍ଦ ବରାଳ, ଭେଟେରାନ ଜୟନ୍ତ ବେହେରା ପ୍ରମୁଖ ଯୋଗଦେଇ ସଫଳ କରାଇଥିଲେ।

### କଲେଜ ଅଧ୍ୟକ୍ଷାଙ୍କ ପରଲୋକ

**ଭୋଗରାଇ, ୨।୧୦(ଡି.ଏନ.ଏ.):** ଭୋଗରାଇ ବ୍ଲକ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଜ୍ୟୋତ୍ସ୍ନାରାଣୀ ଜେନା (୫୦) ଶୁକ୍ରବାର ଭୁବନେଶ୍ୱରସ୍ଥିତ ଏକ ହସ୍‌ପିଟାଲରେ ପରଲୋକ ହୋଇଯାଇଛି। ସେ ଦୀର୍ଘମାସ ଧରି କର୍କଟରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ସେ ଛାତ୍ରବତ୍ସଳ, ସରଳ, ମିଷ୍ଟଭାଷୀ, ଧର୍ମପରାୟଣ ମହିଳା ଥିଲେ। ଅଧ୍ୟକ୍ଷାଙ୍କ ମରଶରୀରକୁ ଶନିବାର ଭୋଗରାଇ ଅଣାଯିବା ବେଳେ କମର୍ଦ୍ଦା, କଟୁଆଡ଼ି, ଆର୍.ଆଇ.ଏଚ୍.ଏସ୍ ଓ ଚନ୍ଦନେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ, ଅଧାପିକା, ଅଧ୍ୟାପକ ଓ କର୍ମଚାରୀମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ସମ୍ମାନାର୍ଥେ କଲେଜ ଛୁଟି ଘୋଷଣା କରାଯାଇଥିଲା।

# ଖାଦ୍ୟ ସୁରକ୍ଷା ଯୋଜନାରେ କାର୍ଡ ବଣ୍ଟନ

**ଜଳେଶ୍ୱର, ୨।୧୦(ଡି.ଏନ୍.ଏ.)**

ଗାନ୍ଧି ଜୟନ୍ତୀ ଅବସରରେ ବାଲେଶ୍ୱର ଜିଲା ଜଳେଶ୍ୱର ସହର ୧୦ ନଂ. ୱାର୍ଡ଼ ଶାନ୍ତିଆସ୍ଥିତ ମିନି ଷ୍ଟାଡିୟମ ପରିସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସ ମାଧ୍ୟମରେ ମଙ୍ଗଳବାର ଖାଦ୍ୟ ସୁରକ୍ଷା ଯୋଜନାରେ ଚିହ୍ନଟ ହିତାଧିକାରୀଙ୍କୁ ରାଶନ କାର୍ଡ଼ ବଣ୍ଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ନୂତନ ହିତାଧିକାରୀ ନାମ୍ପୋ ଗ୍ରାମର ଦିବ୍ୟାଙ୍ଗ ଆନନ୍ଦ ମୁଖୀ ଓ ମ୍ୟୁନିସିପାଲିଟିର ୭ ନଂ. ୱାର୍ଡ଼ର ପଞ୍ଚୁଘଣ୍ଟା ଗ୍ରାମର ନନ୍ଦିତା ପାତ୍ରଙ୍କ ସହିତ ବାର୍ତ୍ତାଳାପ କରିଥିଲେ। ରାଶନ କାର୍ଡ଼ ପାଇ ଖୁସି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କୁ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ



ଭିଡିଓ କନ୍‌ଫରେନ୍ସ ଜରିଆରେ ହିତାଧିକାରୀଙ୍କୁ ରାଶନ କାର୍ଡ ଦିଆଯାଉଛି।

ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ , ବାଲେଶ୍ୱର ଏମ୍‌ପି ଇଂ ରବୀନ୍ଦ୍ର କୁମାର ଜେନା, ସ୍ଥାନୀୟ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ବାଲେଶ୍ୱର ସଦର ବିଧାୟକ ଜୀବନପ୍ରଦୀପ ଦାସ, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ସିମୁଳିଆ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ବ୍ରିଟ୍ ଅଧ୍ୟକ୍ଷ ଗୌରୀ ରାଉତ, ଜଳେଶ୍ୱର ବ୍ଲକ ଅଧ୍ୟକ୍ଷା ସବିତା ରାଣି ଦଳାଇ, ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲାପାଳ ରମେଶଚନ୍ଦ୍ର ରାଉତ ପରିଚାଳନା କରିଥିଲେ। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ, ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ଉପଜିଲାପାଳ ନିଲୁ ମହାପାତ୍ର, ସ୍ଥାନୀୟ ଜଳେଶ୍ୱର ବିଡିଓ ନିତ୍ୟାନନ୍ଦ ସାହୁ, ତହସିଲଦାର ଅଭିମନ୍ୟୁ ପଣ୍ଡା, ମ୍ୟୁନିସିପାଲିଟି ଇଓ ଗିରିଧାରୀ ବାରିକ, ପୋଲିସ ଏସ୍‌ଡିପିଓ ରାମଚନ୍ଦ୍ର ଗୌଡ୍ରୁ, ଆଇଆଇସି ପ୍ରଦୀପ କୁମାର ମାଝି ପ୍ରମୁଖ ସରକାରୀ ଅଧିକାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।



ଆଲୋଚନା ଚକ୍ରରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଧାପିକା, ଅଧାପକ।

# 'ସାମ୍ପ୍ରତିକ ସମୟରେ ଗାନ୍ଧିବାଦର ଆବଶ୍ୟକତା' ଆଲୋଚନାଚକ୍ର

**ବାଲେଶ୍ୱର ଅଫିସ, ୨।୧୦**

ବାଲେଶ୍ୱର ଫକୀରମୋହନ କନିଷ୍ଠ ମହାବିଦ୍ୟାଳୟର ହେରିଟେଜ୍ ହଲ ପ୍ରାଙ୍ଗଣରେ ଏନ୍‌ଏସ୍‌ଏସ୍ ତରଫରୁ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ 'ସାମ୍ପ୍ରତିକ ସମୟରେ ଗାନ୍ଧୀବାଦର ଆବଶ୍ୟକତା' ଶୀର୍ଷକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି।

ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ମିନତୀ ସେଠୀ ସଭାପତି ଭାବେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଗାନ୍ଧୀଙ୍କର ଜୀବନଦର୍ଶନ ଓ ବିଶ୍ୱଶାନ୍ତି ପାଇଁ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ସନ୍ତୋଷ କୁମାର ରାଉତ ସାମ୍ପ୍ରତିକ ପରିସ୍ଥିତିରେ ଗାନ୍ଧିଜୀଙ୍କର ସତ୍ୟ ଓ ଅହିଂସା ନୀତିର ଭୂମିକା ଉପରେ ଚର୍ଚ୍ଚା କରିଥିଲେ। ଏନ୍‌ଏସ୍‌ଏସ୍ ଅଫିସର ବିଜୟ କୁମାର ସାହୁ ଆଲୋଚନାଚକ୍ରର ପରିଚାଳନା କରିଥିଲେ। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଗାନ୍ଧିଜୀଙ୍କର ନୀତି ଓ ଆଦର୍ଶ ଉପରେ ନିଜସ୍ୱ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ପ୍ରଦୀପ କୁମାର ରଣା, ଶୁଭକାନ୍ତ ସେଠୀ, ଅଶୋକ ପ୍ରିୟଦର୍ଶୀ, ଅଧ୍ୟାପିକା ଡ. ମିନତୀ ମହାନ୍ତି, ପଲ୍ଲିଶ୍ରୀ ଆଇଚ୍, ସୋନାଲିସା ମହାନ୍ତି, ଅଞ୍ଜନା ବେହେରା, ତପସ୍ୱିନୀ ନାୟକ, ଶ୍ରୀମା ଶ୍ରୀ ଶୁଭଦର୍ଶିନୀ, ବୈଶାଳିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ। ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ମହାବିଦ୍ୟାଳୟ ପରିସରକୁ ସଫେଇ କରିଥିଲେ।

# ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଗାନ୍ଧୀ ଜୟନ୍ତୀ ସମାରୋହ

**ବାଲେଶ୍ୱର ଅଫିସ, ୨।୧୦**

ବାଲେଶ୍ୱର ଶହୀଦ ପାର୍କସ୍ଥିତ ସୂଚନା କେନ୍ଦ୍ରଠାରେ ମଙ୍ଗଳବାର ଜିଲାସ୍ତରୀୟ ଗାନ୍ଧୀ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଭୋର ସମୟରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୂନ ପରିବେଷଣ କରାଯାଇଥିଲା। ସକାଳେ ଛାତ୍ରୀଛାତ୍ରମାନେ ସ୍ଥାନୀୟ ପବ୍ଲିକ ହାଇସ୍କୁଲରୁ ପଦଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ସକାଳ ୭ ଟା ବେଳେ ଜିଲାପାଳଙ୍କ ଅଫିସ୍ ପରିସରରେ ଏକ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା।

ବାଲେଶ୍ୱର ଜିଲାପାଳ ରମେଶ ଚନ୍ଦ୍ର ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଶହୀଦ ପାର୍କସ୍ଥ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ସଂଗ୍ରାହକ ତଥା କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସଙ୍କ ଦ୍ୱାରା ସୂଚନା କେନ୍ଦ୍ରଠାରେ ଆୟୋଜିତ ଗାନ୍ଧିଜୀଙ୍କର ବିରଳ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ସାଧାରଣ ସଭାରେ ଯୋଗଦେଇ ଗାନ୍ଧୀଜୀଙ୍କ ଜୀବନାଦର୍ଶ ଏବଂ ଅବଦାନ ଉପରେ ଆଲୋକପାତ କରିଥିଲେ। ବିଶେଷ ବକ୍ତା ଭାବେ କବି ପ୍ରଶାନ୍ତ ଦାସ ଯୋଗଦେଇ ମହାତ୍ମା ଗାନ୍ଧୀଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋକପାତ କରିଥିଲେ। ସର୍ବଧର୍ମ ପ୍ରାର୍ଥନା ସଭାରେ ବାଲିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ଗୀତା ପାଠ, ଜିଲା ସ୍କୁଲର ଶିକ୍ଷୟିତ୍ରୀ ଜରୀନା ବେଗମ କୋରାନ ପାଠ ଏବଂ ଖ୍ରୀଷ୍ଟିଆନ ହାଇସ୍କୁଲର ଶିକ୍ଷକ ସଂଗ୍ରାମ କେଶରୀ ସିଂ ବାଇବେଲ ପାଠ କରିଥିଲେ। ନୃତ୍ୟସଙ୍ଗୀତ କଳାମନ୍ଦିରର କଳାକାରମାନଙ୍କ ଦ୍ୱାରା ଗାନ୍ଧିଜୀଙ୍କ ପ୍ରିୟ ଭଜନ ପରିବେଷଣ କରାଯାଇଥିଲା। ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ସହ ପୂର୍ବରୁ ଅନୁଷ୍ଠିତ ଚିତ୍ରାଙ୍କନ ଏବଂ ସ୍ଲୋଗାନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଅବସରରେ କବି ପ୍ରଶାନ୍ତ ଦାସ ଏବଂ କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସଙ୍କୁ ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ମୁଖ୍ୟଚିକିତ୍ସାଳୟ ପରିସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସେବା-ଇ-ସେବା' ଆନୁକୂଲ୍ୟରେ ଚାରା ରୋପଣ କରାଯାଇଥିଲା। ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର କୁମାର ଜେନା, ସଦର ବିଧାୟକ ଜୀବନ ପ୍ରଦୀପ ଦାଶ, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ଗିରୀଶ ଚନ୍ଦ୍ର ଦାଶ, ଜିଲା ପ୍ରକଳ୍ପ ଅଧିକାରୀ ତ୍ରିଲୋଚନ ପ୍ରଧାନ, ଅତିରିକ୍ତ ଜିଲାପାଳ ମାନସ ରଞ୍ଜନ ପାଢ଼ୀ, ଉପ-ଜିଲାପାଳ ନୀଲୁ ମହାପାତ୍ର, ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ କାହ୍ନୁଚରଣ ମଲ୍ଲିକ, ପୌରାଧ୍ୟକ୍ଷ ଆଲୋକ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ମହାତ୍ମା ଗାନ୍ଧୀ ଏବଂ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୂର ଶାସ୍ତ୍ରୀଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ କରିବା ସହ ସେମାନଙ୍କ ସ୍ତୁତିଚାରଣ କରିଥିଲେ।

## ଭାଜପାର ସଂକଳ୍ପ ସମାବେଶ

**ବସ୍ତା, ୨।୧୦(ସ୍ୱ.ପ୍ର.):** ଆୟୁଷ୍ମାନ ଭାରତ ଯୋଜନାକୁ ଓଡ଼ିଶାରେ ଲାଗୁ କରିବା ପାଇଁ ବସ୍ତା ଭାଜପାର ଏକ ସଂକଳ୍ପ ସମାବେଶ ସ୍ଥାନୀୟ କଲ୍ୟାଣମଣ୍ଡପ ସଭାଗୃହରେ ଅନୁଷ୍ଠିତ ହୋଇଛି। ବସ୍ତା ନିର୍ବାଚନମଣ୍ଡଳୀ ନେତା ତଥା ଭାଜପା ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଶ୍ୟାମାପ୍ରସାଦ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ୭ଟି ଜିଲାପରିଷଦ ଜୋନ୍‌ର ମଣ୍ଡଳସ୍ତରୀୟ ନେତୃବୃନ୍ଦ ଯୋଗ ଦେଇଥିଲେ। ସମାବେଶରେ ବସ୍ତା ଓ ବାଲିଆପାଳ ବ୍ଲକରେ ବିଭିନ୍ନ ସହରାଞ୍ଚଳ ଓ ହାଟରେ ସଚେତନତା ରଥ ବୁଲି ପଥପ୍ରାନ୍ତ ସଭା କରିବା ସହ ଆୟୁଷ୍ମାନ ଭାରତରେ ଓଡ଼ିଶାକୁ ସାମିଲ ନେଇ ବ୍ୟାପକ ଦସ୍ତଖତ ସଂଗ୍ରହ ଅଭିଯାନ କରାଯିବ। କାର୍ଯ୍ୟକ୍ରମ ସଞ୍ଚାଳନ ପାଇଁ ବାଲିଆପାଳ ବ୍ଲକରୁ ଅରବିନ୍ଦ ବେହେରା ଓ ବସ୍ତା ବ୍ଲକରୁ ସୂର୍ଯ୍ୟନାରାୟଣ ସାହୁଙ୍କ ନାମ ମନୋନୀତ କରାଯାଇଥିଲା। ସମାବେଶରେ ରାଜ୍ୟ ଭାଜପା ତରଫରୁ ବସ୍ତା ନିର୍ବାଚନମଣ୍ଡଳୀ ପ୍ରଭାରୀ ଯାଦବେଶ ମିଶ୍ର, ଜିଲା ସାଧାରଣ ସମ୍ପାଦକ ଅଜୟ କୁମାର ସାହୁ, ରାଜ୍ୟପରିଷଦ ସଦସ୍ୟ ସୁବଳ ଚନ୍ଦ୍ର ଦାସ, ସରପଞ୍ଚ କାଳୀଚରଣ ଯେନା, ଯୁବନେତା ରବୀନ୍ଦ୍ର କୁମାର ଜୈନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

# ପ୍ରାଚୀର ଚିତ୍ରରେ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲେଶ୍ୱର ଅଫିସ, ୨।୧୦**

ବାଲେଶ୍ୱର ସହରର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗାନ୍ଧୀ ଜୟନ୍ତୀ ପାଳନ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଜ୍ଞାନଶ୍ରୀ ପକ୍ଷରୁ ଗାନ୍ଧିସ୍ମୃତି ଭବନର ପ୍ରାଚୀରରେ ଚିତ୍ରକଳା ଅଙ୍କାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏମ୍‌ପି ରବୀନ୍ଦ୍ର କୁମାର ଜେନା ଗାନ୍ଧିଜୀଙ୍କ ପ୍ରାଚୀର ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ଜିଲାପାଳ ରମେଶ ଚନ୍ଦ୍ର ରାଉତ ଉପସ୍ଥିତ ରହି ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବା ସହିତ ଜ୍ଞାନଶ୍ରୀର ଏତାଦୃଶ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ।

ସଦର ବିଧାୟକ ଜୀବନ ପ୍ରଦୀପ ଦାସ, ସ୍ୱତନ୍ତ୍ର ଅତିଥି ଭାବରେ ସାମାଜିକ କର୍ମୀ ସୁବାସିନୀ ଜେନାଙ୍କ ସହିତ ମିଳିତ ଓଡିଶା ନିଶା ନିବାରଣ ଅଭିଯାନର ସାଧାରଣ ସମ୍ପାଦିକା ମମତା ମହାପାତ୍ର, ସମାଜସେବୀ ଅର୍ଚ୍ଚନା ନନ୍ଦୀ, ସମାଜସେବୀ ବିଜୟ କୁମାର ଆଚାର୍ଯ୍ୟ, ଆନ୍ତର୍ଜାତିକ ମାନବାଧିକାର ସଙ୍ଗଠନ, ବାଲେଶ୍ୱରର ସଭାପତି ବିକାଶ କୁମାର ଦାସ, ଚିତ୍ରଶିଳ୍ପୀ କେଶୁ ଦାସ ଉପସ୍ଥିତ ଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ପଟେଲ, ଉପଦେଷ୍ଟା ସୁଧାଂଶୁ ଶେଖର ପରିଡ଼ା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଇମାମୀ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ।

# ଇମାମୀ ପକ୍ଷରୁ ସଫେଇ ଅଭିଯାନ

**ରେମୁଣା, ୨।୧୦(ଡି.ଏନ.ଏ.)**

ବାଲଗୋପାଳପୁରସ୍ଥିତ ଇମାମୀ ପେପର ମିଲସ୍ ଲିମିଟେଡ୍ ପକ୍ଷରୁ ପବିତ୍ର ଗାନ୍ଧୀ ଜୟନ୍ତୀ ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇମାମୀ ପେପର ମିଲ୍‌ସର ନିର୍ଦ୍ଦେଶକ ଏମ୍.ବି.ଏସ୍. ନାୟାରଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ସଭାପତି ସୁଶୀଲ କୁମାର ଖୈତାନ, ବରିଷ୍ଠ ଉପସଭାପତି ଆଶିଷ ଗୁପ୍ତାଙ୍କ ତତ୍ତ୍ୱାବଧାନରେ ଇମାମୀ ପେପର ମିଲସ୍‌ର ଲେଡ଼ିସ୍ କ୍ଲବ୍‌ର ସମସ୍ତ ସଦସ୍ୟା ଓ କର୍ମଚାରୀ, ଏମ୍ପ୍ଲୋଇଜ୍ ୟୁନିୟନ୍ ଓ ମଜଦୁର ୟୁନିୟନ୍‌ର କର୍ମକର୍ତ୍ତାମାନେ ରସଲପୁର କଲୋନୀ ଛକଠାରେ ଏକାଠି ହୋଇ ରାସ୍ତାର ଉଭୟ ପାର୍ଶ୍ୱରେ ସଫେଇ କାର୍ଯ୍ୟ ଆରମ୍ଭ କରି ବାଲଗୋପାଳପୁର ଇମାମୀନଗରସ୍ଥ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଚାଲୁ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ରଞ୍ଜନ କୁମାର ଯେନା, ଦେବବ୍ରତ ହୋତା, ରମେଶ ଚନ୍ଦ୍ର ଖୁଣ୍ଟିଆ, ଲେଡ଼ିସ୍ କ୍ଲବ୍ ପକ୍ଷରୁ ଉଷା ନାୟାର, ବନ୍ଦନା ଗୁପ୍ତା, ୟୁନିୟନ୍ ପକ୍ଷରୁ ପଦ୍ମଲୋଚନ ନାୟକ, ଅରୁଣ କାଞ୍ଜିଲାଲ୍, ବରିଷ୍ଠ ଫାର୍ମାସିଷ୍ଟ ସଞ୍ଜିତ୍ କୁମାର ସାହୁ ତଥା ଜିତେନ୍ଦ୍ର ଉପାଧ୍ୟାୟ, ବିଚିତ୍ର ସ୍ୱାଇଁଙ୍କ ସମେତ ବହୁ ପଦାଧିକାରୀ, କର୍ମଚାରୀମାନେ ସାମିଲ ହୋଇଥିଲେ। ଏଜିଏମ୍ ମନୋଜ କୁମାର ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**ସଜନାଗଡ଼, ୨।୧୦(ଡି.ଏନ.ଏ.)**

ନୀଳଗିରି ବ୍ଲକ ବିଜେଡି ପକ୍ଷରୁ ଶିଆଳିମାଳ ପଞ୍ଚାୟତର ଜାମଘାଟିଠାରୁ ମଙ୍ଗଳବାର ଜନସମ୍ପର୍କ ପଦଯାତ୍ରା କରାଯାଇଛି। ଏଥିରେ ଦେଢ଼ ହଜାରରୁ ଉର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ। ଏଥିରେ ବିଧାୟକ, ଦଳର କର୍ମକର୍ତ୍ତା, ଲୋକପ୍ରତିନିଧି ଏବଂ ୱାର୍ଡ଼ କମିଟି ସଦସ୍ୟାସଦସ୍ୟ ଭାଗ ନେଇଥିଲେ। ଏହା ସଜନାଗଡ଼ ପଞ୍ଚାୟତର ତେଣ୍ଡା, ବାଣିଆପଡ଼ା ରାସ୍ତାରେ ଆସି ମା' ଭୂଧାରଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ଏକ ବିରାଟ ସଭା ଆୟୋଜନ କରାଯାଇଥିଲା। ଏହି ଜନସମ୍ପର୍କ ପଦଯାତ୍ରାର ମୂଳଲକ୍ଷ୍ୟ ୱାର୍ଡ଼ କମିଟି ସହିତ ୱାର୍ଡ଼କୁ ଯାତ୍ରା, ଘରେ ଘରେ ପହଞ୍ଚାଇବା ନବୀନଙ୍କ ବାର୍ତ୍ତା ଥିଲା।

ଓଡ଼ିଶା ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ନିମନ୍ତେ ଏହି ପଦଯାତ୍ରା ଆରମ୍ଭ ହୋଇ ଆସନ୍ତା ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ସୂଚନା ଦେଇଥିଲେ। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି 'ଆମ ଗାଁ ଆମ ବିକାଶ', 'ଆମ ସହର ଆମ ଉନ୍ନତି', 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା', ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା, ମହିଳା, କୃଷକ ଓ ଛାତ୍ରଙ୍କ ପାଇଁ ୧ପ୍ରତିଶତ ସୁଧରେ ଋଣ ବ୍ୟବସ୍ଥା, ଜନଜାତିଙ୍କ ପାଇଁ ସ୍ୱତନ୍ତ୍ର ବିକାଶ ପରିଷଦ ଗଠନ, ୪ ବର୍ଷରେ ୧୭ଲକ୍ଷ ପକ୍କା ଘର ନିର୍ମାଣ, ସହରାଞ୍ଚଳ ବସ୍ତିବାସିନ୍ଦାଙ୍କୁ ଭୂମି ଓ ସମ୍ପତ୍ତି ଅଧିକାର, କୃଷକଙ୍କ ଆୟ, କୃଷି ଉତ୍ପାଦନ ୨ ଗୁଣ ହେବା, ୭ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନର ବ୍ୟବସ୍ଥା, ରାଜ୍ୟର ଯୁବତୀଯୁବକଙ୍କ ସଶକ୍ତିକରଣ 'ମିଶନ୍ ଶକ୍ତି' ଓ ମହିଳା ସଶକ୍ତିକରଣ, ଆମ ରାଜ୍ୟର ଅନୁକରଣୀୟ 'ସାମାଜିକ ସୁରକ୍ଷା ଯୋଜନା' ସମ୍ପର୍କରେ ସଭା ମଞ୍ଚରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ବ୍ଲକ ସଭାପତି ଗଙ୍ଗାଧର ମିଶ୍ର, ଏମ୍‌ପି ପ୍ରତିନିଧି ଗତିକୃଷ୍ଣ ନନ୍ଦ, ଯୁବନେତା ବିଜୟ ଲେଙ୍କା, ରାଜ୍ୟ ବିଜୁ ମହିଳା ସମ୍ପାଦିକା ସୁନୀତି ସିଂ, ଚିତ୍ତରଞ୍ଜନ ଚୌଧୁରୀ, କିଶୋର ଷଡ଼ଙ୍ଗୀ, ବିନୋଦ ମହାନ୍ତି ଓ ରାମଚନ୍ଦ୍ର ସିଂ ପ୍ରମୁଖ ଜନ ସମ୍ପର୍କ ପଦଯାତ୍ରାର ଅନୁଭୂତି ଉପରେ ମତ ରଖିଥିଲେ।

# ଚଣ୍ଡୀମନ୍ଦିରରୁ ବାହାରିଲା ଜନସମ୍ପର୍କ ପଦଯାତ୍ରା

**ଖଇରା, ୨।୧୦(ଡି.ଏନ.ଏ.)**

ଖଇରା ବ୍ଲକ ମାଣିତ୍ରୀ ପଞ୍ଚାୟତ ଅଧୀନ ଜଳଙ୍ଗ ଚଣ୍ଡୀମନ୍ଦିରରୁ ବିଜେଡି ଦଳ ପଦଯାତ୍ରାର ଶୁଭାରମ୍ଭ ହୋଇଛି। ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଚଣ୍ଡିଙ୍କୁ ପୂଜାର୍ଚ୍ଚନା କରିବା ପରେ ଏକ ବିରାଟ ପଟୁଆରରେ ମନ୍ଦିରରୁ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରି ସାଲୋ ଗ୍ରାମରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ବିଧାୟକଙ୍କ ସମେତ ବରିଷ୍ଠ ନେତା ପ୍ରଫୁଲ୍ଲ ଦାସ, ସରପଞ୍ଚ ସସ୍ମିତା ତିଆଡ଼ି, ମିତାରାଣି ତିଆଡ଼ି ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

ପରେ ଗୋବିନ୍ଦପୁର ପଞ୍ଚାୟତର ସରସ୍ୱତିଆ ଛକରୁ ପଦଯାତ୍ରା ଆରମ୍ଭ ହୋଇ କଣ୍ଟାବଣିଆ ପଡ଼ିଆରେ ପହଞ୍ଚିଥିଲା। ପଞ୍ଚାୟତ ବିଜେଡି ସଭାପତି ରବୀନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଧାୟକ ପାଣିଗ୍ରାହୀଙ୍କ ସମେତ ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଜିଲାପରିଷଦ ସଭ୍ୟ ଜୟନ୍ତୀ ମହଲା, ମହିଳା ମହାସଂଘର ସଭାପତି ରଶ୍ମିତା ମହାପାତ୍ର, ମହିଳା ମୋର୍ଚ୍ଚାର ସଭାପତି ବିଣାପାଣି ନାୟକ, ବ୍ଲକ ମହିଳା ମୋର୍ଚ୍ଚା ସଭାପତି ଛବିଲତା ମହାପାତ୍ର, ଜିଲା କାର୍ଯ୍ୟକାରିଣୀ ସଦସ୍ୟା ଜୟନ୍ତୀ ପତି, ବ୍ଲକ ବିଜେଡି ସଭାପତି ବ୍ରଜ କିଶୋର ମହାନ୍ତି, ସମ୍ପାଦକ ପ୍ରହ୍ଲାଦ ପତି, ବିଜୁ ଯୁବ ଜନତା ସଭାପତି ଅନନ୍ତ ପ୍ରସାଦ ବାରିକ, ନାଏବ ସରପଞ୍ଚ ତୁଳସୀ ପାତ୍ର ପ୍ରମୁଖ ବକ୍ତାଭାବେ ଯୋଗଦେଇଥିଲେ। ଅଜିତ ରାଉତ, ସୁରେଶ ଭୂୟାଁ, ବିଷ୍ଣୁ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିଭଳି ବଡ଼ନୁଆଗାଁ, ପଞ୍ଚାୟତରେ ଲକ୍ଷ୍ମୀଧର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନର ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।



ମାଣିତ୍ରୀ ପଞ୍ଚାୟତରେ ଅନୁଷ୍ଠିତ ପଦଯାତ୍ରା।



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଅନଶନରତ ଶିକ୍ଷକ।

# ଅନଶନରେ ବସିଲେ ଶତାଧିକ ଶିକ୍ଷକ

**ବାଲେଶ୍ୱର ଅଫିସ, ୨।୧୦**

ବାଲେଶ୍ୱର ସହରର ବିଭିନ୍ନ ଅଞ୍ଚଳରେ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ମହାଆଡ଼ମ୍ବରରେ ପାଳନ କରାଯାଉଥିବା ବେଳେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ପେନସନ, ସୁବିଧା, ସପ୍ତମ ବେତନ କମିଶନ ସୁପାରିଶ ଓ ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ଗଠନ ଦିଗରେ ପଦକ୍ଷେପ, ସତ୍ୟପାଠ ପ୍ରତ୍ୟାହାର ଆଦି ଦାବିରେ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ୧୨ଘଣ୍ଟିଆ ଅନଶନ କରାଯାଇଥିଲା। ଦାବି ପୂରଣ ନ ହେଲେ ଗୋପବନ୍ଧୁ ଜୟନ୍ତୀରେ ଭୁବନେଶ୍ୱରଠାରେ ଜନସମାବେଶ କରାଯିବ ବୋଲି ମିଳିତ ମଞ୍ଚର ଆବାହକ ବାଦଲ ଚନ୍ଦ୍ର ପାତ୍ର ଚେତାବନୀ ଦେଇଛନ୍ତି। ଶିକ୍ଷକ ନେତା ଗଜେନ୍ଦ୍ର ନାୟକ, ଭାଗବତ ମହାନ୍ତି, ଜଗବନ୍ଧୁ ପଣ୍ଡା, ବଳଭଦ୍ର ମିଶ୍ର, ରଞ୍ଜନ ପାଢ଼ୀ, ହରିପଦ ଭୂୟାଁ, ଉମାକାନ୍ତ ଜେନା, ନିରଞ୍ଜନ ଦାସ, ତାପସ ଦାସ, ବଳରାମ ସ, କୃଷ୍ଣଚନ୍ଦ୍ର ପୃଷ୍ଟି, ଜୟନ୍ତ ସେଠୀ ପ୍ରମୁଖ ଶିକ୍ଷକନେତାମାନେ ଅନଶନର ନେତୃତ୍ୱ ନେଇଛନ୍ତି।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀଙ୍କ ଧାରଣା

**ସୋର, ୨।୧୦(ଡ଼ି.ଏନ୍.ଏ.)**

ସୋର ଥାନା ଅଧୀନ କେଦାରପୁରରେ ହୋଇଥିବା ଆକ୍ରମଣ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିବା ଦାବି କରି ମଙ୍ଗଳବାର ରାତିରେ ଘାସୁଆ ଗ୍ରାମର କେତେକ ଲୋକ ଥାନା ଆଗରେ ଧାରଣା ଦେଇଛନ୍ତି। ନରେନ୍ଦ୍ର ମହାନ୍ତିଙ୍କ ସ୍ତ୍ରୀ ମାଳତୀ ଅଭିଯୋଗ କରିଛନ୍ତି ଯେ, ତାଙ୍କ ସ୍ୱାମୀ ରାତିରେ କଲିକତାରୁ ଘରକୁ ଫେରୁଥିବା ବେଳେ କେଦାରପୁର ଗ୍ରାମର କେତେକ ଲୋକ ବାସୁଳୀ ଛକରେ ତାଙ୍କୁ ଅଟକାଇ ଘରକୁ ଫୋନ କରି ଜଣାଇଥିଲେ ଯେ, ତୁମ ପୁଅକୁ ଆସି ନେଇଯାଅ ନ ହେଲେ ମଲା ମୁହଁ ଦେଖିବ। ଖବର ପାଇ ନରେନ୍ଦ୍ରଙ୍କ ବାପା ଅମୂଲ୍ୟ ଓ ଭାଇ ରବୀନ୍ଦ୍ର ସେଠାକୁ ଯାଇ ଫେରି ନ ଥିଲେ। ବିଳମ୍ବିତ ରାତିରେ କେତେକ ଯୁବକ ନରେନ୍ଦ୍ରଙ୍କ ଘରେ ପହଞ୍ଚି ତାଙ୍କୁ ଏବଂ ତାଙ୍କର ବଡ଼ ଯା'ଙ୍କୁ ଦୁର୍ବ୍ୟବହାର କରିଥିଲେ। ଏହି ସମୟରେ ସେମାନେ ଘରେ ନିଆଁ ଲଗାଇ ପଳାଇ ଆସିଥିବା ମାଳତୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଥାନା ଆଗରେ ଧାରଣା ଦିଆଯାଇଥିଲା। କାର୍ଯ୍ୟାନୁଷ୍ଠାନ କରାଯିବା ନେଇ ପୋଲିସ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି।

# ବରିଷ୍ଠ ନାଗରିକଙ୍କ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

**ସିମୁଳିଆ, ୨।୧୦(ଡି.ଏନ.ଏ.)**

ବରିଷ୍ଠ ନାଗରିକ ଦିବସ ଅବସରରେ ସୋମବାର ବାଲିଖଣ୍ଡ ଅଞ୍ଚଳର ବରିଷ୍ଠ ନାଗରିକମାନଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରୁଷୋତ୍ତମପୁର ପଞ୍ଚାୟତ ସମ୍ମୁଖରେ ମଞ୍ଚର ଶତାଧିକ ସଦସ୍ୟଙ୍କ ଉପସ୍ଥିତିରେ ସରପଞ୍ଚ ଦୀପକ ରଞ୍ଜନ ଖିଲାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ନାଗରିକମାନେ ସ୍ୱଚ୍ଛ ପରିବେଶ, ନିଶା ନିବାରଣ, ଗମନାଗମନ ଓ ସଚ୍ଚରିତ୍ର ସମ୍ବନ୍ଧୀୟ ବିଭିନ୍ନ ସଚେତନାତ୍ମକ ପ୍ଲାକାର୍ଡ ଧରି ବାଲିଖଣ୍ଡ କଲେଜଠାରୁ ଡାକ୍ତରଖାନା ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ପରେ ବରିଷ୍ଠ ନାଗରିକମାନେ ଯାନବାହନ ଆରୋହୀମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଚାରାରୋପଣ କରାଯାଇଥିଲା। ବରିଷ୍ଠ ନାଗରିକ ମଞ୍ଚର ସଭାପତି ସନାତନ ବେହେରାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚଙ୍କ ସମେତ ଅଣ୍ଡରାଇ ସରପଞ୍ଚ କମଳାକାନ୍ତ ମହାପାତ୍ର ଏଥିରେ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ଦାସ, ଗଙ୍ଗାଧର ପଣ୍ଡା, ଚକ୍ରଧର ମିଶ୍ର, ଅର୍ଜୁନ ଚରଣ ବଳ, ବ୍ରଜକିଶୋର ମହାନ୍ତି, ଗଜେନ୍ଦ୍ର କୁମାର ଲେଙ୍କା ପ୍ରମୁଖ ସହଯୋଗୀ ଥିଲେ।



ସରପଞ୍ଚ ଦୀପକ ରଞ୍ଜନ ଖିଲାର ସଚେତନତା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ବୁଧବାର, ଅକ୍ଟୋବର ୩/୨୦୧୮ Balasore, Wednesday, October 3/ 2018

## ସଂକ୍ଷେପରେ

### ପୋଖରୀରୁ ମୃତଦେହ ଉଦ୍ଧାର

**ସଜନାଗଡ଼, ୨।୧୦(ଡି.ଏନ.ଏ.):** ନୀଳଗିରି ବ୍ଲକ ଜଡ଼ିଦା ପଞ୍ଚାୟତର ଡେଙ୍ଗାପିଆଶାଳ ଗ୍ରାମର ଗଜେନ୍ଦ୍ର ମଲିକ (୫୦)ଙ୍କ ମୃତଦେହ ମଙ୍ଗଳବାର ସନ୍ଧ୍ୟାରେ ପୋଖରୀରୁ ଭାସୁଥିବା ଦେଖି ଗାଁ ଲୋକେ ଉଦ୍ଧାର କରିଥିଲେ। ପରିବାର ଲୋକଙ୍କ ସହିତ ଦମକଳ ସହାୟତାରେ ନୀଳଗିରି ଡାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ଶୋକର ଛାୟା ଖେଳିଯାଇଛି। ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ନୀଳଗିରି ପୋଲିସ ପକ୍ଷରୁ କୁହାଯାଇଛି।

### ଶ୍ରମିକଙ୍କ ଅକସ୍ମାତ ମୃତ୍ୟୁ

**ଯୋଡ଼ା, ୨।୧୦(ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରୀ ଥାନା ଖଡବନ୍ଧଠାରେ ଏକ ଘରୋଇ ଠିକା କମ୍ପାନୀରେ କାର୍ଯ୍ୟରତ ଜଣେ ଶ୍ରମିକଙ୍କର ଅକସ୍ମାତ ମୃତ୍ୟୁ ଘଟିଛି। ମୃତ ଶ୍ରମିକଙ୍କ ନାମ ଗୋବିନ୍ଦ କୁମାର ପାଲ(୨୧)। ତାଙ୍କ ଘର ଝାଡଖଣ୍ଡ ରାଜ୍ୟର ପାଲେମୁ ଜିଲା ବିସରାମପୁର ଥାନା ବାଗମାନୁଆ ଗ୍ରାମରେ। ଗୋବିନ୍ଦ ଭୋର ସମୟରେ କମ୍ପାନୀରେ କାର୍ଯ୍ୟ କରିବା ସମୟରେ ହଠାତ ଅସୁସ୍ଥ ଅନୁଭବ କରିବାରୁ ସେଠାରେ ଉପସ୍ଥିତ କର୍ମଚାରୀମାନେ ତାଙ୍କୁ କମ୍ପାନୀ ଫାଷ୍ଟଏଡ୍‌କୁ ନେଇଥିଲେ। ପରେ ତାଙ୍କୁ ଟାଟା ଟିସ୍କୋ ମେଡିକାଲ ଯୋଡାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ବ୍ୟବଚ୍ଛେଦ ପରେ କାରଣ ସ୍ପଷ୍ଟ ହେବ ବୋଲି ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**ତେଲକୋଇ,୨।୧୦(ଡି.ଏନ.ଏ.):** ତେଲକୋଇ ଥାନା କାଳିଆହତା ଫାଣ୍ଡି ଅଞ୍ଚଳରେ ଜଣେ ୪ ବର୍ଷର ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଗିରଫ ହୋଇଛନ୍ତି। ସମ୍ପର୍କୀୟ ମାମୁ ଶାଲୁକା ପିଙ୍ଗୁଆ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ୨୫ବର୍ଷ ପରେ ଘରକୁ ଫେରିଲେ ମହିଳା

**ଭୋଗରାଇ,୨।୧୦(ଡି.ଏନ.ଏ.)**



- ବୃଦ୍ଧା ମା’ ଭାଇ ଓ ପୁଅ ଚିହ୍ନିଲେ
- ଗାଁରେ ଭାବପ୍ରବଣ ପରିବେଶ
- ମାନସିକ ବିକୃତିର ଶିକାର ହୋଇ ସୁଦୂର କେରଳରେ ଘୂରି ବୁଲୁଥିବା ବେଳେ ସ୍ୱେଚ୍ଛାସେବୀ ସଂସ୍ଥା ଦ୍ୱାରା ଉଦ୍ଧାର

ଦୀର୍ଘବର୍ଷ ଧରି ନିଖୋଜ ଥିବା ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଚନ୍ଦନେଶ୍ୱର ନିକଟବର୍ତ୍ତୀ ଏକ ଗାଁର ଜଣେ ମହିଳା ୨୫ବର୍ଷ ପରେ ଗାଁକୁ ଫେରିଛନ୍ତି। ମାନସିକ ବିକୃତିର ଶିକାର ହୋଇ ସେ କେରଳର କୋଜିକୋଡ଼େ ଜିଲାରେ ଅସହାୟ ଅବସ୍ଥାରେ ଘୂରି ବୁଲୁଥିଲେ। ଏକ ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ତାଙ୍କୁ ଠାବ କରି ଚିକିତ୍ସା କରାଇଥିଲେ। କିଛି ମାତ୍ରାରେ ସୁସ୍ଥ ହୋଇ ସେ ନିଜ ଘର ଠିକଣା କହିବାରୁ ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା ତାଙ୍କୁ ଆଣି ରବିବାର ପରିବାର ନିକଟରେ ଛାଡିଛନ୍ତି। ଏହି ନିଖୋଜ ମହିଳାଙ୍କ ବୃଦ୍ଧା ମା’, ଭାଇ ଓ ପୁଅଙ୍କ ସମେତ ଆତ୍ମୀୟ ସ୍ୱଜନ ଚିହ୍ନଟ କରିବା ପରେ ଖୁସିରେ ଆତ୍ମହରା ହୋଇ ପଡିଛନ୍ତି। ଘରକୁ ଫେରିଥିବା ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ଓ ମାନସିକ ସ୍ଥିତି ସେଭଳି ଭଲ ନାହିଁ। ଏବେ ସେ ପୁଣି କେରଳ ଫେରିଯିବେ ବୋଲି କହୁଥିବା ପରିବାରବର୍ଗ ପ୍ରକାଶ କରିଛନ୍ତି। କେରଳରେ ସେ କିଭଳି, କେଉଁଠି, କେତେ ବର୍ଷ ଧରି ଥିଲେ ତାହା ସ୍ପଷ୍ଟ ଜଣାପଡି ନାହିଁ।

ସେତେବେଳର କଥା। ଗାଜିପୁର ଗାଁର ଏହି ମହିଳାଙ୍କ ଗରିବ ପରିବାରର ମୂଳ ମଜୁରି ଲାଗି ଚଳୁଥିଲେ। ପେଟ ପୋଷିବା ଲାଗି ଏହି ମହିଳା କଟକ ଚାଲିଯାଇ ଜଣେ ବ୍ୟକ୍ତିଙ୍କ ଘରେ ଚାକରାଣୀ ଭାବେ ରହି କାର୍ଯ୍ୟ କରୁଥିଲେ। ପରେ ସେ ଜଣେ ଯୁବକଙ୍କୁ ବିବାହ କରିଥିଲେ। ତାଙ୍କର ଏକ ପୁତ୍ର ସନ୍ତାନ ହୋଇଥିଲା। କିଛିଦିନ ପରେ ସେ ୬ମାସର ଶିଶୁପୁତ୍ରକୁ ଧରି ଘରକୁ ଆସିଥିଲେ। ତାଙ୍କ ମା’ ଓ ଭାଇଙ୍କ ନିକଟରେ ପୁଅକୁ ଛାଡ଼ି ପୁଣି କଟକ ପଳାଇ ଯାଇଥିଲେ। ଯିବା ପରେ ତାଙ୍କର ଆଉ କୌଣସି ଖୋଜଖବର ମିଳି ନ ଥିଲା। ଦୀର୍ଘବର୍ଷ ନିଖୋଜ ରହିବାରୁ ସେ ଯେ ଆଉ ଘରକୁ ଫେରିବେ ପରିବାର ଲୋକେ ଆଶା ଛାଡି ଦେଇଥିଲେ। ମହିଳାଙ୍କ ପୁଅଙ୍କୁ ଏବେ ୨୬ ବର୍ଷ ହେଲେଣି। ମାମୁ ଓ ଆଇଙ୍କ ଲାଳନପାଳନରେ ବଢ଼ି ସେ ବିବାହ କରି ରହୁଛନ୍ତି। ଦୀର୍ଘ ୨୫ବର୍ଷ ଧରି ନିଖୋଜ ଥିବା ମା’ ସହ ପୁଅଙ୍କ ଭେଟବେଳର ଦୃଶ୍ୟ ଗାଁରେ ବେଶ୍ ଭାବପ୍ରବଣ ସ୍ଥିତି ସୃଷ୍ଟି କରିଥିଲା। ମା’ ଆଖିର ଅମାନିଆ ଲୁହ ସମସ୍ତଙ୍କ ଆଖିରେ ଲୁହ ଭରି ଦେଇଥିଲା। ବାର୍ଦ୍ଧକ୍ୟ ଅବସ୍ଥାରେ ଦିନ ବିତାଉଥିବା ତାଙ୍କ ମା’ ଦୀର୍ଘବର୍ଷ ପରେ ଝିଅକୁ ପାଖରେ ପାଇ ବାହୁନି ବାହୁନି କାନ୍ଦିଥିଲେ। ଘରକୁ ଫେରିଥିବା ଏହି ମହିଳାଙ୍କ ଜୀବନକାହାଣୀ ଦୁଃଖ ଓ ସଂଘର୍ଷ ଭରା ବୋଲି ପରିବାରବର୍ଗ କହିଛନ୍ତି। ଏପରି କି ସ୍ୱାମୀଙ୍କ ଦ୍ୱାରା ପ୍ରତାରଣାର ଶିକାର ହେବା ପରେ ସେ ମାନସିକ ଭାରସାମ୍ୟ ହରାଇ ଏଣେ ତେଣେ ଘୂରି ବୁଲିଥିବା କୁହାଯାଉଛି। ଓଡ଼ିଶାରୁ ସୁଦୂର କେରଳକୁ ସେ କିଭଳି ଗଲେ ତାହା ଜଣାପଡି ନାହିଁ। ତାଙ୍କୁ ସାଥୀରେ ନେଇ ଆସିଥିବା ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା କହିଛନ୍ତି, ମହିଳା ଜଣଙ୍କ ଭୋକରେ ଆଉଟପାଉଟୁ ହୋଇ ପ୍ରତିଦିନ ବାରଦୁଆର ଘୁରି ବୁଲୁଥିଲେ। ତାଙ୍କର ମସ୍ତିଷ୍କ ବିକୃତି ଘଟିଥିବା ଜଣାପଡିଥିଲା। ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡିବାରୁ କେରଳର ଏହି ସ୍ୱେଚ୍ଛାସେବୀ ଅନୁଷ୍ଠାନ ତାଙ୍କୁ ଉଦ୍ଧାର କରି ଏକ ମାନସିକ ରୋଗ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସିତ ହୋଇ ସେ କିଛି ମାତ୍ରାରେ ସୁସ୍ଥ ହେବାରୁ ସେମାନେ ତାଙ୍କୁ ପଚାରି ଘର ଠିକଣା ବୁଝିଥିଲେ। ଏହା ପରେ ସେମାନେ ବାଲେଶ୍ୱର ଜିଲା ତାଳସାରୀ ମେରାଇନ୍ ଥାନାକୁ ଖବର ଦେଇଥିଲେ। ପୋଲିସଠାରୁ ସୂଚନା ପାଇ ତାଙ୍କ ଗରିବ ପରିବାର ଲୋକେ ସେଠାକୁ ଯାଇ ତାଙ୍କୁ ଆଣିବାକୁ ଅକ୍ଷମତା ପ୍ରକାଶ କରଥିଲେ। ଏହାପରେ ସମ୍ପୃକ୍ତ ସ୍ୱେଚ୍ଛାସେବୀ ସଂଗଠନର କର୍ମୀମାନେ ତାଙ୍କୁ ଆଣି ରବିବାର ଘରେ ପହଞ୍ଚାଇଛନ୍ତି। ମହିଳାଜଣଙ୍କ ଆଉ ଭଲରେ ଓଡ଼ିଆ କହିପାରୁ ନାହାନ୍ତି। ଅଧା ବଙ୍ଗଳା, ହିନ୍ଦୀ ଏବଂ ମାଲାୟଲମ୍ ଭାଷା ମିଶାମିଶି କରି କହୁଛନ୍ତି। ସେ ପୁଣି କେରଳ ଫେରିଯିବେ ବୋଲି କହୁଥିବାରୁ ସ୍ଥାନୀୟ ଲୋକେ ଏସବୁ ଘଟଣା ରହସ୍ୟପୂର୍ଣ୍ଣ ବୋଲି କହି ଏହାର ତଦନ୍ତ

▪ ସାଇନ୍-ଏ-ଡାଏ, ନିର୍ବାଚନ ବାତିଲକୁ ବିରୋଧ

## ଛାତ୍ର କଂଗ୍ରେସର ଧାରଣା



ଛାତ୍ରନେତାମାନେ ଧାରଣାରେ ବସିଛନ୍ତି।

**ସଜନାଗଡ଼, ୨।୧୦(ଡି.ଏନ.ଏ.)**

ନୀଳଗିରି କଲେଜରେ ସୋମବାର ବୋମାମାଡ଼ ଓ ଭଙ୍ଗାରୁଜାକୁ ନେଇ ଅଧ୍ୟକ୍ଷ ମନୋରଞ୍ଜନ ପଣ୍ଡା ଅନିର୍ଦ୍ଦିଷ୍ଟ କାଳ ପାଇଁ କଲେଜକୁ ସାଇନ୍-ଏ-ଡାଏ ଘୋଷଣା କରିବା ସହ ଏବଂ ନିର୍ବାଚନକୁ ବାତିଲ କରିଦେଇଥିଲେ। ଛାତ୍ର କଂଗ୍ରେସ ପକ୍ଷରୁ ଏ ସମ୍ପର୍କରେ ନୀଳଗିରି ଉପଜିଲାପାଳ ଓ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଛାତ୍ରମାନେ ସୋମବାର ସନ୍ଧ୍ୟାରେ ନୀଳଗିରି ଉପଜିଲାପାଳଙ୍କ ଗେଟ୍ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି। ନୀଳଗିରି କଲେଜରେ ସାଇନ୍-ଏ-ଡାଏ ଉଠାଯାଉ ଓ କଲେଜରେ ନିର୍ବାଚନ ହେଉ ବୋଲି ଛାତ୍ରମାନେ ଅଡି ବସିଛନ୍ତି। ଛାତ୍ର କଂଗ୍ରେସର ସୋମନାଥ ନାୟକ, ଅଭିଷେକ ପ୍ରଧାନ, ପଙ୍କଜ ସାମଲ,କମଳଲୋଚନ ପଣ୍ଡା, ରଞ୍ଜନ ବିଶ୍ୱାଳ, ସତ୍ୟବାନ ସ୍ୱାଇଁ, ପ୍ରଦୀପ୍ତ ପ୍ରଧାନ, ବିଡିକୃଷ୍ଣ ପାତ୍ର, ଅଞ୍ଜନ ଷଡ଼ଙ୍ଗୀ ସମେତ ବହୁ ଛାତ୍ର ଧାରଣାରେ ବସିଛନ୍ତି।

## ନାବାଳିକା ଅପହରଣ ମାମଲାକୁ କେନ୍ଦ୍ର କରି ଛୁରାମାଡ଼

**ସିମୁଳିଆ, ୨।୧୦(ଡି.ଏନ.ଏ.)**

**ଜଣେ ଗିରଫ, ୨ ଫେରାର**

ବାଲେଶ୍ୱର ଜିଲା ସିମୁଳିଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଅପହରଣକୁ କେନ୍ଦ୍ର କରି ସୋମବାର ରାତିରେ ତାଙ୍କ ବାପାଙ୍କୁ ଛୁରାମାଡ଼ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସିମୁଳିଆ ଓ ପରେ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ବିଷୟରେ ନାବାଳିକାଙ୍କ ମା’ ଅଭିଯୋଗ କରିବା ପରେ ପୋଲିସ ଛୁରାମାଡ଼ କରିଥିବା ବିଜୟ କୁମାର ବେହେରାଙ୍କୁ ଗିରଫ କରିଛି। ତାଙ୍କର ଅନ୍ୟ ଦୁଇ ସହଯୋଗୀ ରଞ୍ଜନ ବେହେରା ଓ ଅକ୍ଷୟ କୁମାର ମହାନ୍ତି ଫେରାର ହୋଇଯାଇଛନ୍ତି। ଏହି ଘଟଣାରେ ଅନ୍ୟ ଜଣେ ସହଯୋଗୀ ମଧ୍ୟ ସମ୍ପୃକ୍ତ ଥିବା ମଧ୍ୟ ସୂଚନା ମିଳିଛି। ସେମାନଙ୍କୁ ଠାବ କରିବା ପାଇଁ ଉଦ୍ୟମ ଜାରି ରହିଥିବା ଥାନା ଅଧିକାରୀ ସଞ୍ଜୟ କୁମାର ପରିଡ଼ା କହିଛନ୍ତି।

ସୋମବାର ରାତିରେ ଯୁବକମାନେ ନାବାଳିକାଙ୍କ ଘରର ଗେଟ୍ ଭାଙ୍ଗି ଭିତରକୁ ପଶିବା ପରେ ତାଙ୍କ ବାପାଙ୍କୁ ବାହାରକୁ ଡାକିଥିଲେ। ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ବିଜୟ ଉତ୍ତ୍ୟକ୍ତ ହୋଇ ନାବାଳିକାଙ୍କ ବାପାଙ୍କ ମୁଣ୍ଡକୁ ଛୁରିରେ ଭୁଶି ଦେଇଥିଲେ। ଏହାପରେ ତାଙ୍କ ପେଟକୁ ଛୁରିରେ ଭୁଶିବା ପାଇଁ ଉଦ୍ୟମ କରୁଥିବା ବେଳେ ନାବାଳିକାଙ୍କ ବଡବାପା ଘଟଣାସ୍ଥଳରେ ପହଞ୍ଚି ବିଜୟଙ୍କୁ ଠେଲି ଦେଇଥିଲେ। ଫଳରେ ସେ ଅଳ୍ପକେ ରକ୍ଷା ପାଇଯାଇଥିଲେ।

ଉଲ୍ଲେଖଯୋଗ୍ୟ, ଗତବର୍ଷ ଏହି ନାବାଳିକାଙ୍କୁ ବିଜୟ ଅପହରଣ କରିନେଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ବିଜୟଙ୍କୁ ଗିରଫ କରିଥିଲା। ଗତ ୮ଦିନ ପୂର୍ବେ ଉକ୍ତ ନାବାଳିକା କଲେଜ ଯାଉଥିବା ବେଳେ ବିଜୟ ତାଙ୍କ ଫଟୋ ଉଠାଇ ଅନ୍ୟ ଫଟୋ ସହିତ ଯୋଡ଼ି ବିଭିନ୍ନ ସୋସିଆଲ ମିଡ଼ିଆରେ ଛାଡ଼ିବା ସମ୍ପର୍କରେ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିଲା। ଏଥିରେ ସାହସ ପାଇ ସେ ଛୁରାମାଡ଼ କରିଥିବା ନାବାଳିକାଙ୍କ ମା’ ଅଭିଯୋଗ କରିଛନ୍ତି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ତାଙ୍କ ଝିଅ ଆତ୍ମହତ୍ୟା କରିବେ ବୋଲି ତାଙ୍କ ମା’ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତି କରି ମାମଲା ନଂ.(୨୫୦/୧୪) ଦଫା ୨୯୪, ୩୨୩, ୩୨୪, ୫୦୬, ୩୪ଆଇପିସି ଧାରା ଲାଗୁ କରାଯାଇଛି।

## ଦୁର୍ନୀତି ହଟାଅ ଅଭିଯାନ ପଦଯାତ୍ରା

**ଭଦ୍ରକ ଅଫିସ,୨।୧୦**

ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅପାରଗତା, ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ଭଦ୍ରକ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଗରଦପୁର ଗାନ୍ଧୀ ଓଡିଶା ବାଳାଶ୍ରମରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଏହି ପଦଯାତ୍ରା ସହର ପରିକ୍ରମା କରି। ଥାନା ଛକ ଏବଂ ଗାନ୍ଧୀ ପଡିଆରେ ପହଞ୍ଚିଥିଲା। ପରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ସଭା ଆୟୋଜନ କରାଯାଇଥିଲା। ଜିଲା କଂଗ୍ରେସ ସଭାପତି ଅଶୋକ ଦାସ ଏଥିରେ ଅଧ୍ୟକ୍ଷତା କରିଥଲେ। ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ନରେନ ପଲେଇ, ଏଆଇସିସି ସମ୍ପାଦିକା ଜାନକୀ ଜେନା, ରାଜ୍ୟ ସମ୍ପାଦକ ସେକ ଗୁଲାମ ମଇଉଦ୍ଦିନ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଜିଲା ସଂଖ୍ୟାଲଘୁ ସେଲ୍‌ର ଅଧ୍ୟକ୍ଷ ସେକ୍ ସମ୍‌ଦାନୀ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।




Regd Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For more information, contact nearest Hero MotoCorp's authorised outlet or call Toll Free No.: 1800-266-0018 or visit heromotocorp.com. Always wear a helmet while riding a two-wheeler. Accessories and features shown may not be part of standard fitment. #Finance available at the sole discretion of the financiers. For more details please contact the nearest Hero MotoCorp dealership. *Terms and Condition apply. Offers valid in select states only. Limited period offers.

FINANCE PARTNER HeroFinCorp. HDFC BANK We understand your world IndusInd Bank TWO WHEELER LOANS HeroMotoCorpIndia HeroMotoCorpLimited TheHeroMotoCorp HeroMotoCorp.com HeroMotoCorp

For Institutional and Bulk Sales please write to Kolkata@heromotocorp.com

ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଜି ହୀରୋ - 7799766366. ଏସେନ ହୀରୋ - 7799766425. ସନୀ ହୀରୋ - 7799766401. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ : ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମୟୀ ମୋଟର୍ସ - (06756) 250280. ଯାଜପୁର: ଆୟୁଷ ଅଟୋମୋବାଇଲ୍‌ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍‌ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଳା ଅଟୋମୋବାଇଲ୍‌ସ - 248001, 248002. ରାଇରଙ୍ଗପୁର: ମା ସାକମ୍ବରୀ ମୋଟର୍ସ - 7008906387. ସୋରୋ: ଟ୍ୱିଙ୍କିଲ ମୋଟର୍ସ - 221711, 9337375571. ହୀରୋ ସିଓର! ସାର୍ଟିଫାଏଡ ପ୍ରି-ଓନ୍ଡ- ଟୁ ହ୍ୱିଲର୍ - ବିଦ୍ୟାଧରପୁର, କଟକ - 8093080012.